

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 APRIL 2023
Vol.No. 34 ■ No. 89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଅସରନ୍ତି ଶୁଭେଚ୍ଛା ସହ...


ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଶ୍ଚିମବଙ୍ଗ ହିଂସାକାଣ୍ଡକୁ ନେଇ ଆକ୍ସନମୋଡରେ ଗୃହମନ୍ତ୍ରଣାଳୟ


## ମମତା ସରକାରଙ୍କଠାରୁ ମାଗିଲେ ରିପୋର୍ଟ





ନୂଆଦିଲ୍ଲୀ, ୦୪/୦୪ : ପଶ୍ଚିମ ବଙ୍ଗଳାର ହାୱ୍ଡାରେ ହୋଇଥିବା ହିଂସାକୁ ନେଇ ଗୃହମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଠାରେ ରାମ ନବମୀ ଶୋଭାଯାତ୍ରାରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ହିଂସା ସମ୍ପର୍କରେ ଗୃହ ମନ୍ତ୍ରଣାଳୟ ମମତା ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ରାମ ନବମୀ ଶୋଭାଯାତ୍ରାରେ ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା ଦେଖାଦେଇଥିଲା ଏବଂ ଉଭୟ ପାର୍ଶ୍ୱରୁ ନିଆଁ ଲଗାଇ ଦିଆଯାଇଥିଲା। କିଛି ଦିନ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ସହ କଥା ହୋଇଥିଲେ ଏବଂ ରାଜ୍ୟର ବର୍ତ୍ତମାନର ସ୍ଥିତିକୁ ବିଶେଷ କରି ହାୱ୍ଡା ହିଂସାକାଣ୍ଡରେ ଅନୁଧ୍ୟାନ କରିଥିଲେ। ସୂଚନାନୁସାରେ, ଗୃହ ମନ୍ତ୍ରଣାଳୟର ଚିଠିରେ କୁହାଯାଇଛି ଯେ, ବଙ୍ଗଳାରେ କାହିଁକି ସୁରକ୍ଷା ଅଭାବ ଦେଖାଦେଇଛି ? ବିଶେଷକରି ଏକ ସମୟରେ ଯେତେବେଳେ ରାମନବମୀ ଏବଂ ମୁସଲମାନମାନେ ରମଜାନ ପାଇଁ ଉପବାସ କରୁଛନ୍ତି। ସୂତ୍ର ଏହା ମଧ୍ୟ କହିଛି ଯେ, ପୋଲିସର କାର୍ଯ୍ୟାନୁଷ୍ଠାନ ଠିକ୍ ସମୟରେ ହୋଇଥିବାବେଳେ କେବଳ ବଙ୍ଗଳା ଏବଂ ବିହାରରେ କାର୍ଯ୍ୟାନୁଷ୍ଠାନର ଅଭାବ ଦେଖାଯାଇଛି। ଗୁରୁବାର (ମାର୍ଚ୍ଚ ୩୦) ହାୱ୍ଡା ସହରର ଶିବପୁର ଅଞ୍ଚଳରେ ରାମନବମୀ ଶୋଭାଯାତ୍ରାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପରେ ଶୁକ୍ରବାର ଦିନ ପୋଲିସ ଫୋର୍ସ ମୁତୟନ ହେବା ପରେ ଏହି ଅଞ୍ଚଳରେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିଲା । କିନ୍ତୁ ପୁଣି ପରଦିନ ହିଂସା ଆରମ୍ଭ ହୋଇଥିଲା। ହିଂସା ସମୟରେ ଅନେକ ଦୋକାନ ଏବଂ ଅଟୋ-ରିକ୍ସା ଭଙ୍ଗାରୁଜା ହୋଇଥିବାବେଳେ କେତେକ ପୋଲିସ ଗାଡି ସମେତ ଅନେକ କାରରେ ନିଆଁ ଲାଗିଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ବଳ ପ୍ରୟୋଗ କରିଥିଲା।

# ପରଲୋକରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ମହାରାଜ



ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଆଧ୍ୟାତ୍ମିକ ଜଗତରୁ ଆସିଛି ଏକ ବଡ଼ ଦୁଃଖ ଖବର । ରାଜ୍ୟର ଜଣେ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁଙ୍କ ପରଲୋକ ଘଟିଛି । ୮୮ ବର୍ଷ ବୟସରେ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ମହାରାଜଙ୍କ ପରଲୋକ ଘଟିଛି । କଟକ ଜିଲ୍ଲା ଚହଟା ସ୍ଥିତ ରାମ ମନ୍ଦିରରେ ପରିସରରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହି ଖବର ତାଙ୍କର ଅଗଣିତ ଶିଷ୍ୟ ଓ ଆଧ୍ୟାତ୍ମିକ ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶୋକର ଲହରୀ ଖେଳାଇ ଯାଇଛି । ତେବେ ଦୀର୍ଘଦିନ ଧରି ସ୍ୱାମୀ ଅସୀମାନନ୍ଦ ବାର୍ଦ୍ଧକ୍ୟଜିତ ରୋଗରେ ଆକ୍ରାନ୍ତ ଥିଲେ । ଅସୀମାନନ୍ଦ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ । ସେ ଶଙ୍କରାଚାର୍ଯ୍ୟଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ । ସେ ଏକାଧିକ ଅନୁଷ୍ଠାନ ସହିତ ଜଡ଼ିତ ହେବା ସହ 'ଅସୀମାଲୋକ' ନାମକ ଏକ ଲୋକପ୍ରିୟ ପତ୍ରିକା ପ୍ରକାଶ କରୁଥିଲେ।

▶▶ପୃଷ୍ଠା ୭

# ୮ରୁ ପୁଣି ବର୍ଷା: ଦୁଇ ଦିନରେ ୨ରୁ ୪ ଡିଗ୍ରୀ ବଢ଼ିବ ପାରଦ



ଭୁବନେଶ୍ୱର, ୦୪/୦୪ (ନି.ପ୍ର): ରାଜ୍ୟରେ କମିଲା ବର୍ଷା ଓ ବଢ଼ିଲା ତାପମାତ୍ରା । ଆସନ୍ତା ଦୁଇ ଦିନରେ ୨ରୁ ୪ ଡିଗ୍ରୀ ବଢ଼ିଯିବ ପାରଦ । ୮ ତାରିଖରୁ ପୁଣି ବର୍ଷା ବଢିବ ବୋଲି ଅନୁମାନ କରାଯାଉଛି । ଏନେଇ ୧୨ ଜିଲ୍ଲାରେ କାଳବୈଶାଖୀ ଆଲର୍ଟ କରିଛି ପାଣିପାଗ ବିଭାଗ । ଅନ୍ୟପଟେ ଆଜିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବ । ଅପରାହ୍ନ ବେଳକୁ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକା ବର୍ଷା ସମ୍ଭାବନା ଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପାଗ ସମ୍ପୂର୍ଣ୍ଣ ଶୁଖିଲା ଓ ଖରାଟିଆ ରହିବ । ରାଜ୍ୟର ତାପମାତ୍ରା ଏହି ସମୟରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

# ଝାରସୁଗୁଡା ଉପନିର୍ବାଚନ : ୩ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଝାରସୁଗୁଡା ଉପନିର୍ବାଚନ ପାଇଁ ୩ ଜଣିଆ ପର୍ଯ୍ୟବେକ୍ଷକ ଟିମ୍ ଘୋଷଣା କରିଛି ବିଜୁ ଜନତା ଦଳ। ଏହି ଟିମ୍ ରେ ଅଛନ୍ତି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର ଓ ସାରଦା ପ୍ରସାଦ ନାୟକ। ସୂଚନାଯୋଗ୍ୟ ଯେ ଆସନ୍ତା ମଇ ୧୦ ତାରିଖରେ ଝାରସୁଗୁଡା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ସ୍ୱର୍ଗତ ନବ ଦାସ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଛି। ଅନ୍ୟପକ୍ଷରେ କଂଗ୍ରେସ ଓ ବିଜେପି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହାନ୍ତି।

# ନାଟୋର ନୂଆ ସଦସ୍ୟ ହେଲା ଫିନଲ୍ୟାଣ୍ଡ

ବ୍ରୁସେଲ୍ସ, ୦୪/୦୪: ନର୍ଥ ଆଟଲାଂଟିକ ଟ୍ରିଟି ଅର୍ଗାନାଇଜେସନ ବା ନାଟୋରେ ଫିନଲ୍ୟାଣ୍ଡ ନୂଆ ସଦସ୍ୟ ଭାବେ ସାମିଲ ହୋଇଛି। ଫିନଲ୍ୟାଣ୍ଡ ଏହି ମିଲିଟାରୀ ଏଲାଏନ୍ସରେ ସାମିଲ ହୋଇଥିବା ୩୧ ତମ ଦେଶ ହୋଇଛି । ନାଟୋର ସେକ୍ରେଟାରୀ ଜେନେରାଲ ଜେମ୍ସ ଷ୍ଟୋଲନବର୍ଗ ଫିନଲ୍ୟାଣ୍ଡ ବିଧିବଦ୍ଧ ଭାବେ ନାଟୋର ସଦସ୍ୟ ହୋଇଥିବା ନେଇ ଘୋଷଣା କରିଛନ୍ତି । ଅନ୍ୟ ପକ୍ଷରେ ଫିନଲ୍ୟାଣ୍ଡ ନାଟୋର ସଦସ୍ୟ ହେବାକୁ ନେଇ କଠୋର ପ୍ରତିକ୍ରିୟା ପ୍ରକାଶ କରିଛି ରୁଷ ।

▶▶ପୃଷ୍ଠା ୭

# ମୁକ୍ତେଶ୍ୱର ମନ୍ଦିରରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ମାଡ : ସେବାୟତ ଗିରଫ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ପୁରୁଣା ଭୁବନେଶ୍ୱର ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ମାଡ଼ ମାରିବା ଅଭିଯୋଗ ହୋଇଛି। ଏହି ମାମଲାରେ ଉକ୍ତ ମନ୍ଦିରର ଜଣେ ସେବାୟତ ଙ୍କୁ ଗିରଫ କରିଛି ଲିଙ୍ଗରାଜ ଥାନା ପୋଲିସ୍। ଭୁବନେଶ୍ୱରର ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ପ୍ରତ୍ୟାଶା ବାରିକ ଓ ସେମାନଙ୍କ ନୃତ୍ୟ ଦଳ ଏକାମ୍ରକ୍ଷେତ୍ରର ମୁକ୍ତେଶ୍ୱର ମନ୍ଦିର ପରିସରରେ ଏପ୍ରିଲ ୩ ତାରିଖ ସକାଳୁ ଫଟୋସୁଟ୍ କରୁଥିଲେ। ଏହି ସମୟରେ ସେବାୟତ ମୁକ୍ତିକାନ୍ତ ବଟୁ ଓ ତାଙ୍କ ସହଯୋଗୀ ନୃତ୍ୟଶିଳ୍ପୀଙ୍କୁ ମନ୍ଦିରରେ ଆକ୍ରମଣ କରିଥିଲେ।

## ୩ ଦିନିଆ ଜାପାନ ଗସ୍ତରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ ହେବ ନିପ୍ପନ ଷ୍ଟିଲର ମେଗାପ୍ଲାଣ୍ଟ



ଭୁବନେଶ୍ୱର , ୦୪/୦୪ (ନି.ପ୍ର): ଓଡ଼ିଶାର ସର୍ବବୃହତ ଇସ୍ପାତ କାରଖାନା ସ୍ଥାପନ କରିବ ଜାପାନୀ କମ୍ପାନି ତଥା ବିଶ୍ୱର ଚତୁର୍ଥ ବୃହତ୍ତମ ଷ୍ଟିଲ କମ୍ପାନି ନିପ୍ପନ୍ ଷ୍ଟିଲ । ଏହି ଇସ୍ପାତ ପ୍ରକଳ୍ପର କ୍ଷମତା ବାର୍ଷିକ ୩୦ ନିୟୁତ ଟନ ରହିବ । ମଙ୍ଗଳବାରଦିନ ଟୋକିଓଠାରେ ନିପ୍ପନ ଷ୍ଟିଲର ସଭାପତି ଇଜି ହାସିମୋତୋଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ଏକ ଗ୍ରୀନଫିଲଡ ପ୍ରକଳ୍ପ (ପରିବେଶ ଅନୁକୂଳ) ହେବ ବୋଲି ସେ କହିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ଓଡିଶାକୁ ବିପୁଳ ପରିମାଣର ବିଦେଶୀ ନିବେଶ ଆସିବ ଓ ଏହା ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲା ଯେପରିକି ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର ଆଦି ଜିଲ୍ଲାରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ନିପ୍ପନ୍ ଷ୍ଟିଲ ସଭାପତି ହାସିମୋତୋ ଓ ତାଙ୍କ ଟିମକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ୧୨ ନିୟୁତ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ୨୦୨୧ରେ ଏଏମଏନଏସ ଓଡ଼ିଶା ସରକାରଙ୍କ ସହ ଏମଓୟୁ କରିଥିଲା । ଏହି କମ୍ପାନି ହେଉଛି ଆର୍ସେଲର ମିତ୍ତଳ ଓ ନିପ୍ପନ ଷ୍ଟିଲ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ । ଏହି ପ୍ରକଳ୍ପରେ ୫୦ ହଜାର କୋଟି ଟଙ୍କାର ନିବେଶ କରାଯିବ । ସେହିପରି ଜଗତସିଂହପୁରରେ ବି ଏଏମଏନଏସ ସାତ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ପ୍ରକଳ୍ପ ସ୍ଥାପନ କରିବ ବୋଲି ପ୍ରସ୍ତାବ ରହିଛି।

# ମନ୍ତ୍ରୀଙ୍କ ସହ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଆଲୋଚନା

## ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ଥଗିତ ହେବ ଆନ୍ଦୋଳନ



ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଗତ ଶନିବାରରୁ ଲୋୟର ପିଏମଜିରେ ଧାରଣାରେ ବସିଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନେ ଆଜି ଆନ୍ଦୋଳନରୁ ହଟିପାରନ୍ତି। ଆଜି ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମନ୍ତ୍ରୀ ସମୀରରଂଜନ ଦାଶ କହିଛନ୍ତି, ଶିକ୍ଷକମାନଙ୍କ ସହ ସକରାତ୍ମକ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ଏନେଇ ଅର୍ଡର ବାହାରିବ । ସେପଟେ ଆଲୋଚନା ପରେ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି ଯେ ସଂଧ୍ୟା ସୁଦ୍ଧା ଅର୍ଡର ବାହାରିବା ନେଇ ପ୍ରତିଶ୍ରୁତି ମିଳିଛି। ତେବେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆନ୍ଦୋଳନ ସ୍ଥଗିତ ରଖାଯିବ।

ଠିକା ନିଯୁକ୍ତି ଉଚ୍ଛେଦ ନେଇ ଗତବର୍ଷ ଅକ୍ଟୋବର ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାରି ଭିତରେ ବିଭିନ୍ନ ବିଭାଗ ଏହାକୁ କାର୍ଯ୍ୟକାରୀ କରିଥିବା ବେଳେ ଗଣଶିକ୍ଷା ବିଭାଗ କାର୍ଯ୍ୟକାରୀ କରିନାହାନ୍ତି, ଯାହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛି ସଂଘ। ୨୦୧୬ରୁ ୨୦୨୨ ଯାଏଁ ହଜାର ହଜାର ହାଇସ୍କୁଲ ସିବିଟି ଶିକ୍ଷକ ଆନ୍ଦୋଳନରେ ଯୋଗ ଦେଇଛନ୍ତି ।

ସଂଘର କହିବା କଥା, ନିକଟରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ନେଇ ଘୋଷଣା କରିଥିଲେ। ଏହାପରେ ସାଧାରଣ ଓ ପ୍ରଶାସନିକ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଯେଉଁଥିରେ ଚୁକ୍ତିଭିତ୍ତିକ ପଦବିକୁ ନିୟମିତ କରି ୬ଟି ଇନ୍କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଉଲ୍ଲେଖ ରହିଥିଲା। ମାତ୍ର ଏହି ଆଦେଶକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟକାରୀ କରୁନଥିବା ନେଇ ସଂଘ ଅଭିଯୋଗ କରିଛି। ଫଳରେ ୧୮ହଜାର ହାଇସ୍କୁଲ ନିୟମିତ ହେବାରୁ ବଞ୍ଚିତ ହୋଇଛନ୍ତି।

# ବିଲଡରଙ୍କୁ ଆଶ୍ୱସ୍ତି: ରେରା' ବିଜ୍ଞପ୍ତି ଉପରେ ଲାଗିଲା ହାଇକୋର୍ଟ ଅଙ୍କୁଶ



ଭୁବନେଶ୍ୱର, ୦୪/୦୪ : ବିଲଡରଙ୍କୁ ଆଶ୍ୱସ୍ତି। ପ୍ରୋଜେକ୍ଟ ରେଜିଷ୍ଟ୍ରସନ ଫି ବୃଦ୍ଧି ନେଇ ରେରା ଯେଉଁ ବିଜ୍ଞପ୍ତି ଜରି କରିଥିଲା ତାହା ଉପରେ ଲାଗିଛି ହାଇକୋର୍ଟଙ୍କ ଅଙ୍କୁଶ। ଯଦି ବି ବର୍ଦ୍ଧିତ ହାରରେ ଫି ଆଦାୟ କରାଯାଏ, ତେବେ ବି ଏକ ସ୍ୱତନ୍ତ୍ର ସୁଧଯୁକ୍ତ ଆକାଉଣ୍ଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନ ଆଧାରରେ ଜବାବ ଦାଖଲ କରିବାକୁ ମଧ୍ୟ ରାଜ୍ୟ ସରକାର ଏବଂ ରେରାକୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ୬ ସପ୍ତାହ ପରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ସୂଚନା ଥାଉକି, ୮ଟିରୁ ଅଧିକ ଫ୍ଲାଟ ନିର୍ମାଣ ହେଉଥିବା ପ୍ରୋଜେକ୍ଟ ଗୁଡିକର ପଞ୍ଜିକରଣ ଉପରେ ଫି' ବୃଦ୍ଧିକୁ ବିରୋଧ କରି ବିଲଡର ମହାସଂଘ ବା କ୍ରେଡ଼ାଇର ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରୋଜେକ୍ଟ ରେଜିଷ୍ଟ୍ରସନ ଫି' ବର୍ଗ ମିଟର ପିଛା ୧୦ ଟଙ୍କା ବଦଳରେ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ନେଇ ଗତ ବର୍ଷ ଜୁଲାଇ ୨୮ ତାରିଖରେ ରେରା' ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଫି' ନିର୍ଣ୍ଣୟ ପ୍ରସଙ୍ଗରେ ରେରା'ର କ୍ଷମତା ନଥିବା ଦର୍ଶାଇ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ମାମଲା ଦାୟର କରିଥିଲା ଓଡ଼ିଶା ବିଲଡର ମହାସଂଘ।

# ଦିବ୍ୟାଙ୍ଗଙ୍କୁ ବସ୍ କର୍ମଚାରୀଙ୍କ ଦୁର୍ବ୍ୟବହାର : ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭଦ୍ରକ, ୪/୦୪ (ନି.ପ୍ର): ବସ୍‌ରେ ଯାତାୟତ ପାଇଁ ସରକାରଙ୍କ ପରିବହନ ଆଇନରେ କଡ଼ାକଡ଼ି ନିର୍ଦ୍ଦେଶ ରହିଛି ଯେ, ପ୍ରତ୍ୟେକ ବସ୍‌ରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ସ୍ୱତନ୍ତ୍ର ସିଟ୍ ସଂରକ୍ଷିତ ରହିବ। ଏଥି ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବସ୍ ପାଶ୍ ଯୋଗାଇ ଦିଆ ଯାଇଛି, ଯେଉଁଥିରେ ଦିବ୍ୟାଙ୍ଗମାନେ ରିହାତି ଭଡ଼ାରେ ବସରେ ଯାତାୟତ କରିବେ। ମାତ୍ର ଗତ ଫେବୃଆରୀ ୨୮ ତାରିଖରେ ଜନୈକ ରାଜ୍ୟ ପୁରସ୍କାରପ୍ରାପ୍ତ ଦିବ୍ୟାଙ୍ଗ ମଦନମୋହନ ଚୌଧୁରୀ ଓଆର୍ ୨୨ ଇ ୧୩୯୮ ନମ୍ବର ବସ୍ ଯୋଗେ କଟକରୁ ଭଦ୍ରକ ଆସୁଥିବା ବେଳେ ବସ୍‌ର କର୍ମଚାରୀ ତାଙ୍କୁ ବସିବାକୁ ସିଟ୍ ନ ଦେଇ ଅନ୍ୟଥା ଦୁର୍ବ୍ୟବହାର କରିଥିଲେ। ଏପରିକି ବସ୍ ପାଶ୍‌କୁ ମଧ ଅଗ୍ରାହ୍ୟ କରିଥିଲେ। ଶ୍ରୀ ଚୌଧୁରୀ ଦିବ୍ୟାଙ୍ଗ ହୋଇ ମଧ ବସ୍‌ରେ ଅଧିକ ଭଡ଼ା ଦେଇ ନାନା ଦୁର୍ଦ୍ଦଶା ମଧରେ ଭଦ୍ରକକୁ ଆସିଥିଲେ। କେବଳ ଶ୍ରୀ ଚୌଧୁରୀ ନୁହଁନ୍ତି, ପ୍ରାୟତଃ ବସ୍ କର୍ମଚାରୀମାନେ ଦିବ୍ୟାଙ୍ଗମାନଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ପରିବର୍ତ୍ତେ ଦୁର୍ବ୍ୟବହାର କରିବା ଏବଂ ବସ୍ ପାଶ୍‌କୁ ଅଗ୍ରାହ୍ୟ କରୁଥିବା ନେଇ ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇ ଆଞ୍ଚଳିକ ପରିବହନ ବିଭାଗ, ଭଦ୍ରକ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ସତ୍ତ୍ୱେ କୌଣସି ସୁଫଳ




ନମିଳିବାରୁ ଆଜି ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଷୟ ଅବଗତ ହୋଇ ବସ୍ ମାଲିକଙ୍କୁ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସୁବିଧାର ସୁଯୋଗ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ଆର୍‌ଟିଓଙ୍କୁ ପରାମର୍ଶ ଦେଇଥିଲେ। ଏହି ଧାରଣାରେ ଅମୂଲ୍ୟ ମହାଳିକ, କରୁଣାକର ସାହୁ, ମନୋରଂଜନ ତ୍ରିପାଠୀ, ମଦନ ମୋହନ ଚୌଧୁରୀ, କୃପାସିନ୍ଧୁ ବେହେରା, ବିଦ୍ୟାଧର ପ୍ରଧାନ ପ୍ରମୁଖ ଶତାଧିକ ଦିବ୍ୟାଙ୍ଗ ସାମିଲ ହୋଇଥିଲେ।

# ହଷ୍ଟେଲରେ ନିଯୁକ୍ତି ଦାବିରେ ପରିବାରର ଧାରଣା

ନୂଆପଡ଼ା, ୪/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ଗ୍ରାମ ପଂଚାୟତ ର ବଙ୍କାପୁର ଗ୍ରାମରେ ଥିବା ଓଁ ଖାସବାହାଲ ହାଇସ୍କୁଲ ବଙ୍କାପୁରରେ ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ଖୋଲିବାକୁ ଥିବା ଆବାସିକ ଛାତ୍ରାବାସରେ ନିଯୁକ୍ତି ଦାବି କରି ଆଜି ଗୋଟିଏ ପରିବାରର ସମସ୍ତେ ଧାରଣାରେ ବସିଛନ୍ତି। ସେମାନଙ୍କ ସହିତ ଖଡ଼ିଆଳ ବ୍ଲକର ପୂର୍ବତନ ଅଧକ୍ଷ ଙ୍କ ସମେତ କିଛି ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଛନ୍ତି।ଧାରଣାକାରୀଙ୍କ କହିବାନୁଯାୟୀ ୧୯୮୯ ମସିହାରେ ଏହି ଅଂଚଳରେ ଶିକ୍ଷାର ବିକାଶ ପାଇଁ ବେସରକାରୀ ଭାବରେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା, ଯାହାକି ପରବର୍ତ୍ତୀ କାଳରେ ସରକାରୀ ଅନୁଦାନପ୍ରାପ୍ତ ହୋଇଥିଲା। ହାଇସ୍କୁଲ ପ୍ରତିଷ୍ଠା ସମୟରେ ଏହି ପରିବାର ଚାରି ଏକର ଜମି ଦାନ କରିଥିଲେ ଯାହାକି ବର୍ତ୍ତମାନର ବଜାର ଦରରେ କୋଟିଏ ଟଙ୍କାରୁ ଉର୍ଦ୍ଧ ହେବ। ସେ ସମୟରେ ତାଙ୍କ ପରିବାରକୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ଭବିଷ୍ୟତରେ କୌଣସି ପଦବୀ ପାଇଁ ନିଯୁକ୍ତି ଦେବାର ଥିଲେ ତାଙ୍କ ପରିବାରର ସଦସ୍ୟଙ୍କୁ ପ୍ରଥମ ସୁଯୋଗ ଦିଆଯିବ। ବର୍ତ୍ତମାନ ଉକ୍ତ ବିଦ୍ୟାଳୟ ରେ ଏକ ଶହେ ସିଟ ର ଆବାସିକ ଛାତ୍ରାବାସ ଖୋଲା ଯାଉଥିବା ବେଳେ ଦୁଇ ଜଣ ରୋଷେଇଆ ନିଯୁକ୍ତି ଦିଆଯିବ।ଏହି ପରିବାରର ଅରବିନ୍ଦ ବେହେରା ଏହି ପଦବୀ ପାଇଁ ଆଶାୟୀ ଥିଲେ କିନ୍ତୁ ଏହି ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ବୋଲି ବିଜ୍ଞାପନ ପ୍ରକାଶ ପାଇଲା ଓ ତିନିଜଣ ଆବେଦନ କରିଥିଲେ। ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ବିଚାର କରି ଦୁଇ ଜଣଙ୍କ ନାମ ବିଦ୍ୟାଳୟ ତରଫରୁ ଜିଲ୍ଲା ପ୍ରଶାସନକୁ ସୁପାରିଶ କରାଯାଇଛି। ଏହାକୁ ବିରୋଧ କରି ଏହି ପରିବାରର ସବୁ ସଦସ୍ୟ ସଦସ୍ୟା ଧାରଣା ଦେବା ସହ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସ୍କୁଲ ପ୍ରତିଷ୍ଠା ସମୟରେ କମିଟି ସଦସ୍ୟ ଥିବା ପୂର୍ବତନ ଖଡ଼ିଆଳ ବ୍ଲକ ଅଧକ୍ଷ କେଶବ ବେହେରା ମଧ ତାଙ୍କୁ ସମର୍ଥନ କରିବା ସହ ପ୍ରଶାସନ ମାନବିକତା ପ୍ରଦର୍ଶନ କରି ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।ଏନେଇ ଖଡ଼ିଆଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷୀଣପ୍ରଭା ପାଣିଗ୍ରାହୀଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଏଥିରେ ଅଗ୍ରାଧିକାର ଭିତିରେ ଏସ ଟି ଲୋକଙ୍କୁ ସୁଯୋଗ ଦେବାର ବ୍ୟବସ୍ଥା ଥିବାରୁ ସେ କିଛି କରି ପାରିବେନି ବୋଲି କହିଥିଲେ।ଅନ୍ୟ ପକ୍ଷରେ ଏହି ପରିବାର ବର୍ତ୍ତମାନ ଅଭାବ ଅସୁବିଧାରେ ଚଳୁଥିବାରୁ ପ୍ରଶାସନ ଏନେଇ ମାନବିକତାର ସହ ବିଚାର କରନ୍ତୁ ବୋଲି ଅଂଚଳବାସୀ ନିବେଦନ କରିଛନ୍ତି।

# ବୀଣା ପାଣି ଶିଶୁ ବିଦ୍ୟା ମନ୍ଦିର ଖୋର୍ଦ୍ଧା ୩୩ତମ ବାର୍ଷିକ ଉତ୍ସବ

ଖୋର୍ଦ୍ଧା , ୪/୦୪ (ନି.ପ୍ର): ବୀଣାପାଣି ଶିଶୁ ମନ୍ଦିର ୩୩ ତମ ବାର୍ଷିକ ଉତ୍ସବ ସଭାପତିଗତିକୃଷ୍ଣ ଉତ୍ତର କବାଟ ଅଧକ୍ଷରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଅଛି। ଏଥିରେ ମୁଖ୍ୟ ଅତଥିଭାବେ ମାନ୍ୟବର ବିଧାୟକ ବେଗୁନିଆ ବୋଲଗଡ଼ ଓ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ମୁଖ୍ୟ ଅତିଥି , ମନୋରଞ୍ଜନ ମହାପାତ୍ର ଜଙ୍ଗଲ ଓ ପରିବେଶ ଅତିରିକ୍ତ ସଚିବ ଓଡ଼ିଶା ସରକାର ମୁଖ୍ୟ ବକ୍ତା, ମୁଖ୍ୟ ଅତଥିଭାବେ ଅମୀୟ ମହାନ୍ତି ୫ନମ୍ବର୍ ୱାର୍ଡ କାଉନସିଲର, ସନମାନିୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା , ଓ ,ଟି,ବି ,ବରିଷ୍ଠ ପ୍ରତୀନିଥି ବଳରାମ ଲେଙ୍କା ଓ ବରିଷ୍ଠ ନାଗରିକ ଓ ବରିଷ୍ଠ ଯୌନଳିଷ୍ଟ ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ମଙ୍ଗରାଜ ସ୍ଥାନୀୟ ୫ ନମ୍ବର୍ ୱାର୍ଡ ବିଶିଷ୍ଟ ବେକ୍ତି ମଞ୍ଚରେ ଉପସ୍ଥିତ ଥିଲେ। ଅଟିଥି ମାନଙ୍କ ପରିଚୟ ଉକ୍ତ ବିଦ୍ୟା ଲାୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ନିରାକାର ପ୍ରଧାନ ଦେଉଥିଲେ। ପ୍ରଧାନ ଶିକ୍ଷକ ଲଲାଟନ୍ଦୁମହାପାତ୍ର ବାର୍ଷିକ ବିବରଣୀ ପାଠ କରି ଥିଲେ। ଉକ୍ତ ଉତ୍ସବରେ ଶିଶୁ ବିଦ୍ୟାମନ୍ଦିର ୧୧ ଜଣିଆ ପରିଚାଳନା ସଭ୍ୟ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀ , ଅଭିଭାବକ ମହିଳା ଓ ପୁରୁଷ, ବହୁ ଦର୍ଶକ ,ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟ ଉପଷ୍ଟତି ଓ ଦର୍ଶକ ବୁଦ୍ଧିଜୀବି ଉତ୍ସବକୁ ମନମୁଗ୍ଧ କରିଥିଲା। ଉକ୍ତ ଶିକ୍ଷା ମନ୍ଦିର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ମଞ୍ଚଉପରେ ଅତିଥି ମାନେ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଲୋପାମୁଦ୍ରା ମହାପାତ୍ର ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ଡେପୁଟି କଲେକ୍ଟର ମୁଖ୍ୟ ଆକର୍ଷଣ ଥିଲେ। ଶିକ୍ଷକ ସନ୍ତୋଷ ଚନ୍ଦ୍ର ଦାସ ସଭା ପରିଚାଳନା କରୁଥିଲେ ଓ ଧନ୍ୟବାଦ୍ ପ୍ରଦାନ୍ କରିଥିଲେ। ସନ୍ଧ୍ୟା ୬ ଟାରୁ ରତ୍ର ୧୨ ଟା ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ନୃତ୍ୟ ପରିବେଷଣ କରାଯାଇ ଥିଲା। ଖୋର୍ଦ୍ଧାର ଏହି ଶିକ୍ଷା ମନ୍ଦିର ସର୍ବଶ୍ରେଷ୍ଠ ଶିକ୍ଷାଦାନ ଓ ସୁଝଁଳା ଶହ ଚାଲେ। ଉର୍କ୍ତ୍ଵିଦ୍ୟା ମନ୍ଦିର ଶିକ୍ଷକ ଓ ଶିକ୍ଷୟତ୍ରୀ ଶିକ୍ଷା ଦାନ ପ୍ରଂଶସ ନିୟ। ସ୍ୱଳ୍ପ ଦରମାରେ ଏମାନେ ବାହୁ ପରିଶ୍ରମ କରନ୍ତି। ସରକାରୀ ଶିକ୍ଷକ ବହୁ ଦରମା ପାଇ ମନ୍ଦ୍ୟ ଶିକ୍ଷ୍ୟା ଦାନ ସେତେ ଭଲ ନୁହେଁ ଶୁଣିବାକୁ ମିଳେ। ଏହି ବେସରକାରୀ ଅନୁଷ୍ଠାନ ଖୋର୍ଦ୍ଧାର ଗୌରବ।

# ୨୦୨୨-୨୩ ଆର୍ଥିକ ବର୍ଷରେ ପଣ୍ୟ କାରବାରରେ ପାରାଦୀପ ବନ୍ଦରର ୧୬.୫୬ ପ୍ରତିଶତ ବୃଦ୍ଧି

ପାରାଦୀପ, ୪/୦୪ (ନି.ପ୍ର): ପାରାଦୀପ ବନ୍ଦର ୨୦୨୨-୨୩ ଆର୍ଥିକ ବର୍ଷରେ ପଣ୍ୟ କାରବାରରେ ୧୬.୫୬ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଏହି ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୩୫.୩୬ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ପୂର୍ବ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୧୬.୧୩ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଥିଲା । ଯାହାକି ଗତ ଆର୍ଥିକ ବର୍ଷ ଠାରୁ ୧୯.୨ ମିଲିୟନ ମେଟ୍ରିକ୍ ଟନ୍ ଅଧିକ ପଣ୍ୟ କାରବାର ହୋଇଥିବା ନେଇ ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ସୂଚନା ଦେଇଛନ୍ତି । କୋଷ୍ଟାଲ ସିପିଙ୍ଗରେ ୫୮.୪୨ ମିଲିୟନ୍ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଛି ପାରାଦୀପ ବନ୍ଦର । ଏହି ଆର୍ଥିକ ବର୍ଷରେ ୨୦,୧୨୬ ରେକ୍ ଯୋଗେ ପଣ୍ୟ କାରବାର ହୋଇଛି । ସେହିପରି ପାରାଦୀପ ବନ୍ଦର ମଧ ଦେଇ ୨୩୯୪ଟି ଜାହାଜ ଚଳାଚଳ କରିଥିଲା । ଆଗାମୀ ଦିନରେ ଆଉ ୪ଗୋଟି ବର୍ଥ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମତି ନିମନ୍ତେ ଆବେଦନ କରାଯାଇଥିବା ଅଧକ୍ଷ ଶ୍ରୀ ହରନାଦ କହିଛନ୍ତି । ପାରାଦୀପ ବନ୍ଦରରେ ଗ୍ରୀନ ଆମୋନିଆ/ଗ୍ରୀନ୍ ହାଇଡ୍ରୋଜେନ୍ ବର୍ଥ ନିର୍ମାଣ ପାଇଁ ଯୋଜନା ରହିଛି । ଏହା କାର୍ଯ୍ୟକ୍ଷମ ହେବା ପରେ ପାରାଦୀପ ବନ୍ଦର ଦେଶର ହାଇଡ୍ରୋଜେନ୍ ହବ୍ ଭାବେ ପରିଗଣିତ ହେବ ବୋଲି ସେ




ସୂଚନା ଦେଇଛନ୍ତି । ଜାହାଜ ଚଳାଚଳ ବିଭାଗର କେନ୍ଦ୍ରମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ବିଭାଗୀୟ ସଚୀବଙ୍କ ସମେତ ଏହି ସଫଳତାରେ ସାମିଲ ବନ୍ଦର ଅଧିକାରୀ, କର୍ମଚାରୀ, ୟୁନିୟନ୍, ପିପିପି ଅପରେଟର୍, ଷ୍ଟିଭେଡୋର୍ସ,ସିପିଙ୍ଗ ଏଜେଣ୍ଟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଥି ସହିତ ରେଲ ମନ୍ତ୍ରଣାଳୟ, କଷ୍ଟମ ବିଭାଗ, ଓଡିଶା ସରକାରଙ୍କ ସମେତ ପାରାଦୀପ ବନ୍ଦରକୁ ସହଯୋଗ କରୁଥିବା ସମସ୍ତ ସଂସ୍ଥାମାନଙ୍କୁ ଅଧକ୍ଷ ଶ୍ରୀ ହରନାଦ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଆଇପିଏର ପରିଚାଳନା ନିର୍ଦ୍ଦେଶକ ଏ.କେ.ବୋଷ, ବନ୍ଦର ସଚୀବ ଡ.ପି.ଏନ୍. ବାହେକର, ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍, ମୁଖ୍ୟ ଅର୍ଥପରାମର୍ଶଦାତା ଡି.ଏନ୍. ସୋଣ୍ଡି ଓ ଡେପୁଟି କନଜରଭେଟର କ୍ୟାପଟେନ୍ ଏ.ସି.ସାହୁ ଉପସ୍ଥିତ ଥିଲେ।

# ନିଶିଗନ୍ଧା ଭାଷା ପ୍ରତିଷ୍ଠାନର କବିତା ପାଠୋତ୍ସବ ଓ ଆଲୋଚନାଚକ୍ର

ଖୋର୍ଦ୍ଧା, ୪/୦୪ (ନି.ପ୍ର): ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧାଠାରେ ପୂର୍ବାହ୍ନ ୯ଟା ସମୟରେ ରାଜ୍ୟସ୍ତରୀୟ ଉତ୍କଳ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶ୍ରୀ ରାଜେନ୍ଦ୍ର ସାହୁ, ଶ୍ରୀ ନରେନ୍ଦ୍ର ପୃଷ୍ଟି, ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ବଳରାମ ତରାଇ, ଡ. ରଶ୍ମୀ କର, ଶ୍ରୀ ବଂଶୀଧର ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଗଡ ଖୋର୍ଦ୍ଧାସ୍ଥିତ ଉତ୍କଳର ବରପୁତ୍ର ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବଚନ୍ଦ୍ର ରାଉତରାୟ ଓ କୃତ୍ତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସ୍ଥାନୀୟ ମା’ ମଙ୍ଗଳା ମନ୍ଦିରରେ ଆୟୋଜିତ ସମାରୋହରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ, କବିତା ପାଠୋତ୍ସବ, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଡିଜିଏମ୍ ଶ୍ରୀ ବିଭୁ ପଦାରବିନ୍ଦ ଦାସ ମୁଖ୍ୟ ଅତିଥି, ଶ୍ରୀ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ଶ୍ରୀ ବିକ୍ରମ କେଶରୀ ଚମ୍ପତି ଓ ଶ୍ରୀ ରୋହିତ ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ସସ୍ମିତା ପଟ୍ଟନାୟକ (ମହଳା ମହାବିଦ୍ୟାଳୟ) , ଶ୍ରୀଯୁକ୍ତ ତରାଇ, ଉପସଭାପତି ଡ. କର, କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ଦାସ ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିବାବେଳେ ପ୍ରତିଷ୍ଠାତା ଆଗାମୀ ତା ୧୩.୦୪.୨୦୨୩ ରିଖରେ ଜୟଦେବ ଭବନ ଓ ତା ୨୭.୦୪. ୨୦୨୩ରିଖରେ ହାଟବରଡିସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ଆୟୋଜିତ ହେବାକୁ ଥିବା ପ୍ରଥମ ବାର୍ଷିକ ମହୋତ୍ସବରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରକୁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରିଥିଲେ । ସଭାରେ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିବାରୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ସଚେତନତା ଶୋଭାଯାତ୍ରା

ଜୟପୁର, ୪/୦୪ (ନି.ପ୍ର): ସମ୍ବନ୍ଵିତ ଶିଶୁ ବିକାଶ ଯୋଜନା, ଜୟପୁର ତରଫରୁ ପୋଷଣ ତତ୍ତ୍ୱ ଆଧାରିତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜୟପୁର ବ୍ଲକ ସାମନ୍ଵିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପାରାବେଡା ବସ୍ତି ଅଂଚଳ ପରିକ୍ରମା କରି ପୋଷଣ ପଖୱାଡା ସମ୍ବନ୍ଧରେ ଜନସାଧାରଙ୍କୁ ବୁଝାଇଥିଲେ । ଏଥିରେ ଜୟପୁର ବ୍ଲକ ଅଧକା ତିଳୋତ୍ତମା ମୁଦୁଲି ମୁଖ୍ୟ ଅତିଥି ଭବେ ଯୋଗ ଦେଇ ଥିବା ବେଳେ ସମ୍ମନିତ୍ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ଯୋଗ ଦେଇଥିବା ବେଳେ, ,ସମ୍ବନ୍ଵିତ ଶିଶୁ ବିକାଶ ଅଧିକାରୀ ସୁଚିତା ପଣ୍ଡା ,ଓ ଅଙ୍ଗନୱାଡି ସୁପରଭକ୍ଷଇଜରଙ୍କ ସମେତ ଶତାଧିକ ଅଙ୍ଗନବାଡି କର୍ମୀ, ଜୟପୁର ବ୍ଲକ ଓ ମ୍ୟୁନିସିପାଲଟି ର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ସମ୍ବନ୍ଵିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ କରାଯାଇଥିଲା। ‘ସ୍ୱାସ୍ଥ୍ୟ ହିଁ ସମ୍ପଦ’ ।

# ମୂତ୍ର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ, ୪/୦୪ (ନି.ପ୍ର): ବ୍ରହ୍ମପୁରହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ମୂତ୍ର ରୋଗ ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ମୂତ୍ରରୋଗ ସମ୍ବନ୍ଧରେ ସଚେତନ କରିଥିଲେ । ଗ୍ରୀଷ୍ମ ଋତୁରେ ଅଳ୍ପ ପାଣି ପିଇବା,ରାଗ, ତେଲ ଓ ଅଜୀର୍ଣ୍ଣ ଖାଦ୍ୟ ଖାଇବା,ଧାତୁକ୍ଷୟ,ଖରାରେ ବୁଲିବା ଯାନବାହାନରେ ଅଧିକ ଯିବା ଦ୍ୱାରା ପରିସ୍ରା ଯନ୍ତ୍ର ସଙ୍କ୍ରମିତ ହୋଇ ପରିସ୍ରା ଜଳାପୋଡ଼ା,ହଳଦିଆ ରଙ୍ଗ, ସ୍ୱପ୍ନଦୋଷ,ଦୁର୍ବଳ ଅନୁଭୂତ ହୁଏ । ଶିଳାଜତୁ, ଘୃତ କୁମାରୀ ରସ, ଅଁଳା, ଚନ୍ଦନ, ଶୀତଳା ମାରିଚ, ବର କ୍ଷୀର ବା ଓହଳ ଯେ କୌଣସି ଗୋଟିଏ ଦୁଇଟି ସେବନ କଲେ ଭଲ ହୋଇଯାଏ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀ ରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଜୟନ୍ତୀ ଲାଲ ନରସି ଚୌହାନ,ଡି. ଶ୍ରୀନିବାସ ରାଓ, ଗଣେଶ ପ୍ରସାଦ ପରିଚ୍ଛା ଓ ମନ୍ଦିର କମିଟି ସଭ୍ୟ ସଭ୍ୟା । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

# ମିଳିତ ଜନଶୁଣାଣି ଶିବିରରେ ୧୩୪ଟି ଅଭିଯୋଗ

ଭଦ୍ରକ, ୪/୦୪ (ନି.ପ୍ର): ଚଳିତ ମାସର ପ୍ରଥମ ଯୁଗ୍ମ ଜନ ଶୁଣାଣି ଶିବିର ଆଜି ତା.୦୩.୦୪.୨୦୨୩ ରିଖ ସୋମବାର ଦିନ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ଶିବିରରେ ଯୋଗଦେଇ ସମୁଦାୟ ୧୩୪ଟି ଅଭିଯୋଗ ଶୁଣିଥିଲେ। ସେଥିମଧରେ ୧୦୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲାବେଳେ ୨୭ ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଥିଲା।

ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଅତିରିକ୍ତ ଏସ୍.ପି. ବିଜୟ ରଞ୍ଜନ କେର୍‌କେଟା ଭଦ୍ରକ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ରେଡ୍‌କ୍ରସ ସମ୍ବନ୍ଧୀୟ ୨ଟି ଅଭିଯୋଗ ପାଇଁ ଚିକିତ୍ସା ଜନିତ ସହାୟତା ପାଇଁ ସାବରପୁର ର ରହିମା ବିବିଙ୍କୁ ୧୦ ହଜାର ଏବଂ କୁଆଁସର ରୋଜି ଦାସଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ସି.ଏମ୍.ଆର.ଏଫ୍. ରୁ ୭ ଜଣଙ୍କୁ କ୍ୟାନସର, ହୃଦରୋଗ ଆଦି ର ଚିକିତ୍ସା ପାଇଁ ସମୁଦାୟ ୭୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଅନୁମୋଦନ କରାଯାଇଛି। ୭ ହଜାର ଲେଖାଏଁ ୨ ଜଣଙ୍କୁ, ୧୦ ହଜାର ଲେଖାଏଁ ୨ ଜଣଙ୍କୁ, ୧ ଜଣଙ୍କୁ ୨୫ ହଜାର, ୧ ଜଣଙ୍କୁ ୮ ହଜାର ଏବଂ ୧ ଜଣଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି ରହିଛି, ସେମାନେ ହେଲେ ତଳ ଗୁମୁଟିର ସୁରେଶ ଚନ୍ଦ୍ର ବାରିକ୍, ବ୍ରାହ୍ମଣୀ ଗାଁର ରୋଜାଲିନ୍ ମିଶ୍ର, ତେନ୍ତୁଳି ଡ଼ିହିର ଦୁଃଖୀରାମ ବେହେରା, ସିନ୍ଧୋଳର ଟିକି ମହାଳିକ, ସରମଙ୍ଗାର ସେବତୀ ଶଙ୍ଖୁଆ, ହରିପୁର ର ଗୌରମଣି ପାଣିଗ୍ରାହୀ, ଗୁରିଗାଁ, ବନ୍ତର କାର୍ତ୍ତିକପୃଷ୍ଟି।

ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗଙ୍କୁ ବିବାହ କରିଥିବା ୩ ଦମ୍ପତି କୁ ବିବାହ ପ୍ରୋତ୍ସାହନ ରାଶି ବାବଦ ପ୍ରତି ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧରେ ଥିଲେ ୫୦% ଦିବ୍ୟାଙ୍ଗ ଥିବା ଗୋପାଳ ଚନ୍ଦ୍ର ସାହୁଙ୍କୁ ବିବାହ କରିଥିବା ସୁଜନ ସିଂପୁର, କରଦା ଧାମନଗରର ଚନ୍ଦ୍ରାବତୀ ସାହୁ,



୫୦% ଦିବ୍ୟାଙ୍ଗଥିବା ସୁଶାନ୍ତ କୁମାର ବେହେରା ଙ୍କୁ ବିବାହ କରିଥିବା ନରସିଂହପୁର, ଧୁଷୁରୀ, ଧାମନଗରର ସାବିତ୍ରୀ ପୃଷ୍ଟି ଏବଂ ୪୦% ଦିବ୍ୟାଙ୍ଗ ଥିବା ବିଶ୍ୱଜିତ୍ ନାୟକଙ୍କୁ ବିବାହ କରିଥିବା ନଳଗୋହିରା, ଗୁନ୍ଦବାଲିର ରୋଜିସ୍ମିତା ନାୟକ। ୮୦% ଦିବ୍ୟାଙ୍ଗ ଥିବା ଚନ୍ଦନ କୁମାର ସିଂହ ଶଙ୍କରପୁର, ପୁରୁଣାବଜାର, ଭଦ୍ରକଙ୍କୁ ସଂପୃକ୍ତ ବିଭାଗୀୟ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଭୁବନେଶ୍ୱର ଠାରେ ପ୍ରଦାନ କରିଥିବା ମୋଟର ଚାଳିତ ତିନିଚକିଆ ସ୍କୁଟିକୁ ଆଜି ଏଠାରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କ ସଂଯୋଜନାରେ ଏହି ସହାୟତା ପ୍ରଦାନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଆଜିର ଜନଶୁଣାଣି ଶିବିରରେ ଆଗତ ଅଭିଯୋଗ ମଧରେ ଅଧିକାଂଶ ଚିକିତ୍ସା ସହାୟତା ପ୍ରଦାନ, ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଯୋଗାଣ ବିଭାଗ ସମ୍ବନ୍ଧୀୟ ଥିଲାବେଳେ ଉଠା ଜଳସେଚନ, ସାଳନ୍ଦୀ ଜଳସେଚନ, ପୂର୍ତ୍ତ, ଭଦ୍ରକ ତହସିଲ, ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟ ଆଦି ବିଭାଗ ସମ୍ବନ୍ଧୀୟ ଅଭିଯୋଗ ମଧ ଉପସ୍ଥାପିତ ହୋଇଥିଲା। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶୁଣାଣି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ଅନୁଯାୟୀ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ପ୍ରଦାନ କରିଥିଲେ। ରେଡ଼କ୍ରସ୍ ଓ ସି.ଏମ୍.ଆର୍.ଏଫ୍ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି ପରିଚାଳନା କରିଥିଲେ। ଅଭିଯୋଗ ଉପସ୍ଥାପନାରେ ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସହାୟକ ଜିଲ୍ଲାପାଳ ଚିତ୍ତରଞ୍ଜନ ସେଠୀ ଏବଂ ଅଭିଯୋଗ ପଞ୍ଜିକରଣରେ ଅଭିନେତ୍ରୀ ମହାନ୍ତି ଓ ଲିସା ରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଖାଦ୍ୟରେ ମିଲେଟସ୍ ସାମିଲ କଲା ଭୁବନେଶ୍ୱର ଏମ୍ସ

ଭୁବନେଶ୍ୱର , ୪/୦୪ (ନି.ପ୍ର): ଭୁବନେଶ୍ୱର ଏମ୍ସ ଏହାର ଛାତ୍ରଛାତ୍ରୀ ଏବଂ ଚିକିତ୍ସିତ ହେଉଥିବା ରୋଗୀଙ୍କ ଖାଦ୍ୟରେ ମିଲେଟସ୍ ସାମିଲ କରିଛି । ଛାତ୍ର ତଥା ଚିକିତ୍ସାଧୀନ ରୋଗୀଙ୍କୁ ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଏହି ଜାତୀୟ ପ୍ରତିଷ୍ଠାନ ଖାଦ୍ୟରେ ମିଲେଟ ସାମିଲ କରିଛି । ଏମ୍ ?ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ‘ଉତ୍କଳ ଦିବସ’ ଏବଂ ଜି -୨୦ ଜନ ଭାଗିଦାରୀ ଅଭିଯାନର ଶୁଭ ଉତ୍ସବ ପାଳନ ପାଇଁ ଏହି ପଦକ୍ଷେପ ଆରମ୍ଭ କରିଥିଲେ। ଡାକ୍ତର ବିଶ୍ୱାସ ଚିକିତ୍ସାଧୀନ ରୋଗୀଙ୍କୁ ମିଲେଟ ଯୁକ୍ତ ଖାଦ୍ୟ ପଦାର୍ଥ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏଥିସହ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାଇନିଂ ହଲରେ ଛାତ୍ରମାନଙ୍କ ସହିତ ମଧାହ୍ନ ଭୋଜନ କରିଥିଲେ । ଛାତ୍ରଛାତ୍ରୀ ଏବଂ ଚିକିତ୍ସାଧୀନ ରୋଗୀମାନେ ସେମାନଙ୍କର ଖାଦ୍ୟର ଏକ ଅଂଶ ଭାବରେ ମିଲେଟ ପାଇ ବହୁତ ଖୁସି ହୋଇଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବିଶ୍ୱାସ କହିଛନ୍ତି, ଆମେ ଆମର ଛାତ୍ରଛାତ୍ରୀ ଏବଂ ରୋଗୀଙ୍କ ଖାଦ୍ୟରେ ମିଲେଟସ୍ ସାମିଲ କରିବାକୁ ଉତ୍ସାହିତ । ଆମେ ବିଶ୍ୱାସ କରୁଛୁ ଯେ ଏହା ରୋଗୀଙ୍କୁ ଶୀଘ୍ର ସୁସ୍ଥ ହେବା ପାଇଁ ଆବଶ୍ୟକ ତନ୍ତୁ ଯୋଗାଇବ। ଆମେ ଆମର ରୋଗୀଙ୍କୁ ସର୍ବୋତ୍ତମ ଯତ୍ନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେହି ଦିଗରେ ଆମେ ଗ୍ରହଣ କରୁଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ । ସେହିଭଳି ଛାତ୍ରଛାତ୍ରୀମାନେ ପୁରାତନ ସ୍ଥାନୀୟ ଉପଲବ୍ଧ ଖାଦ୍ୟରୁ ସମୃଦ୍ଧ ପୁଷ୍ଟିକର ଏବଂ ଖଣିଜ ପଦାର୍ଥ ପାଇବେ, ଯାହା ସେମାନଙ୍କର ଓଜନ ଏବଂ ରୋଗ ପ୍ରତିରୋଧର ଯତ୍ନ ନେବ ବୋଲି ଡାକ୍ତର ବିଶ୍ୱାସ କହିଛନ୍ତି। ମିଲେଟଗୁଡିକର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଓପିଡି ପ୍ରବେଶ ସ୍ଥାନରେ ଏକ ସଭା ଆୟୋଜନ କରାଯାଇଥିଲା । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏବଂ ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଡାକ୍ତର ଅଶୋକ କୁମାର ଜେନାଙ୍କ ଦ୍ୱାରା ମିଲେଟ ଉପରେ ଲିଖିତ ପୁସ୍ତକ ‘ମିଲେଟର ସ୍ୱାସ୍ଥ୍ୟ ଉପକାର ଏବଂ ରୋଗ ଉପରେ ପ୍ରଭାବ’କୁ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା ।

# ଜାଣନ୍ତୁ ମାଟି କପରେ ଚା’ ପିଇବା ଫାଇଦା

ଅଧିକାଂଶ ଲୋକଙ୍କ ଚା’ରୁ ଆରମ୍ଭ ହୋଇଥାଏ ନୂଆ ସକାଳ। ଅଫିସ ବା କୌଣସି କାମରୁ ଥକି ଯାଇଥିବା କଛି ଲୋକଙ୍କ ପାଇଁ ଚା’ ଏନର୍ଜି ଡ୍ରିଙ୍କ ଭଳି କାମ କରେ ତ ଆଉ କାହାର ପାଟିର ସ୍ୱାଦ ବଦଳାଇ ଦିଏ । ଯଦି ଏହି ଚା’ ମାଟି କପରେ ଥାଏ ତେବେ ତା’ର ମଜା ଟିକେ ନିଆରା । କାଚ, ସେରାମିକ, ମେଟାଲ ବା ଡିସ୍ପୋଜାଲ କପ୍ ବଦଳରେ ଅନେକ ଲୋକେ ମାଟି କପରେ ଚା’ ପିଇବାକୁ ପସନ୍ଦ କରିଥାନ୍ତି । ଏହି ଇକୋଫ୍ରେଣ୍ଡଲି ମାଟି କପରେ ଚା’ ପିଇବା ଦ୍ୱାରା ସ୍ୱାଦ ବଢ଼ିବା ସହ ଏହାର ଅନେକ ଫାଇଦା ମଧ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏ ବିଷୟରେ...



♦ ମାଟି କପରେ ଗରମ ଚା’ ପଡିବା କ୍ଷଣି ମାଟିର ସୁନ୍ଦର ବାସ୍ନା ବାହାରିଥାଏ। ଏହି ବାସ୍ନା ମନକୁ ବେଶ ଆନନ୍ଦିତ କରିଦେଇଥାଏ। ଅବସାଦରେ ଥିବା ଲୋକଙ୍କ ମନ ପ୍ରଫୁଲ୍ଲିତ ହୋଇଯାଏ।

♦ ମାଟି କପ୍ ପୁରାପୁରି ହାଇଜେନିକ ହୋଇଥାଏ। ଏଥିରେ ଜୀବାଣୁ ବ୍ୟାପିବା ସମ୍ଭାବନା ବହୁ କମ। କାଚ ଗ୍ଲାସ ଅପେକ୍ଷା ମାଟି କପରେ ଚା’ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର। ମାଟି କପ ବଭିନ୍ନ ସଂକ୍ରମଣରୁ ମଧ ଦୂରେଇ ରଖିଥାଏ।

♦ ମାଟି ପାତ୍ରରେ ଯେଉଁ ସୂକ୍ଷ୍ମ ତତ୍ତ୍ୱ ରହିଥାଏ, ତାହା ଆମ ଶରୀରର ହାଡ ପାଇଁ ଲାଭଦାୟକ । ମାଟିରେ କ୍ୟାଲସିଅମ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏଥିରେ ଚା’ ପିଇବା ଦ୍ୱାରା ଆମ ଶରୀରକୁ କିଛି ନା କିଛି ମାତ୍ରାରେ କ୍ୟାଲସିଅମ ମିଳିଥାଏ, ଯାହା ଦ୍ୱାରା ଆମ ହାଡ ମଜଭୁତ ହୁଏ।

♦ ମାଟି କପରେ ଚା’ ପିଇଲେ ହଜମ ଶକ୍ତି ମଧ ବଢ଼ିଥାଏ। ମାଟିରେ ତିଆରି କପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବା ଖରାପ ଜୀବାଣୁ ନଥାଏ। ଅନ୍ୟ ଡିସ୍ପୋଜାଲ କପ୍ ବଦଳରେ ଏହା ଅଧିକ ହିତକର। ଡିସ୍ପୋଜାଲ କପରେ ଗରମ ଚା’ ପିଇବା ଦ୍ୱାରା ଏଥିରେ ଥିବା ଏସିଡ ପେଟକୁ ଯାଇ ଆମ ଅନ୍ତନଳୀରେ ଜମା ହୋଇଯାଏ। ଫଳରେ ପେଟ ଖରାପ ହେବା ସହ କ୍ୟାନସର ଭିଳ ମାରାତ୍ମକ ରୋଗର ବିପଦ ରହିଥାଏ ।

♦ ମଣିଷ ଶରୀରରେ ଆସିଡିଟି ହେବା ଫଳରେ ହଜମ ପ୍ରକ୍ରିୟା ସହ ଜଡିତ ଅନେକ ସମସ୍ୟା ଉତ୍ପନ୍ନ ହୋଇଥାଏ। ମାଟି ପାତ୍ରରେ କ୍ଷରିୟ ଗୁଣ ଭରପୁର ମାତ୍ରାରେ ଥାଏ। ତେଣୁ ମାଟି ପାତ୍ରରେ ଚା’ ପିଇବା ଦ୍ୱାରା ପେଟ ଜନିତ ସମସ୍ୟା କମ ହେବା ସହ ପେଟ ପୋଡା ଜଳା ମଧ ହୁଏ ନାହିଁ ।

♦ ପୂର୍ବେ ଗାଁ ଗହଳିରେ କେବଳ ମାଟ ପାତ୍ରର ବ୍ୟବହାର କରାଯାଉଥିଲା, ଏବେ ସହରରେ ମଧ ଏହାର ଡିମାଣ୍ଡ ବଢ଼ିଗଲାଣି। ଚା’ ପିଇବା ପାଇଁ ଅଧିକାଂଶ ମାଟି କପର ବ୍ୟବହାର କରୁଛନ୍ତି। ବିଶେଷକରି କରୋନା କାଳରେ ସୁରକ୍ଷିତ ଓ ହାଇଜେନିକ ରହିବା ପାଇଁ ଏଥିରେ ଚା’ ପିଇବା ପାଇଁ ଅଧିକାଂଶ ପସନ୍ଦ କରନ୍ତି। ଏହାଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା କମ ରହିଥାଏ।

# ବିଟ୍, ଗାଜର ଓ ସେଓରେ ରହିଛି ଅନେକ ଉପକାରୀ ଗୁଣ

ଥାଇରଏଡ୍ ଆଜିକାଲି ସମୟ ପାଇଁ ଏକ ସାଧାରଣ ରୋଗ। ଏହି ସମସ୍ୟା ଥିଲେ ଧୀରେ ଧୀରେ ଅନ୍ୟ ସମସ୍ୟା ସବୁ ମଧ ଉପୁଜିପାରେ। ଯଦି ଆପଣଙ୍କୁ ବାରମ୍ବାର ଥକ୍କାପଣ, ମୁଣ୍ଡ ବୁଲାଇବା, ଓଜନ ବଢିବା ଏବଂ ମାଂସପେଶୀ ଦୁର୍ବଳ ଲାଗିବା ଭଳି ସମସ୍ୟା ଅନୁଭବ ହେଉଛି ତେବେ ଆପଣଙ୍କର ଥାଇରଏଡ୍ ଥାଇପାରେ ବୋଲି ଧରିନିଅନ୍ତୁ। ଏଭଳି ସମୟରେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ। ଥାଇରଏଡ୍ ଭଳି ସମସ୍ୟାକୁ ନିଜଠାରୁ ଦୂରେଇବା ପାଇଁ ନିୟମିତ ଗାଜର ଖାଆନ୍ତୁ। ଏଥିରେ ଆଣ୍ଟିଅକ୍ସିଡେଣ୍ଟସ୍ ଏବଂ ବିଟରେ କେରୋଟିନ୍ ତତ୍ତ୍ୱ ଥାଏ, ଯାହା ଥାଇରଏଡ୍‌କୁ ନିୟନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଗୋଟିଏ ଲେଖାଏ ଗାଜର ଖାଇଲେ ଥାଇରଏଡ୍‌ରୁ ମୁକ୍ତି ମିଳିବ। ଏଥିରେ ଆଇରନ୍ ଏବଂ ଫାଇବର ଅଧିକ ଥିବାରୁ ଥାଇରଏଡ୍ ପାଇଁ ବହୁତ ଭଲ ହୋଇଥାଏ। ଯଦି ଆପଣ ୨୦ ଦିନ ଲଗାତାର ଗାଜର ଖାଇବେ ତେବେ ଆପଣଙ୍କ ଥାଇରଏଡ୍ ସମସ୍ୟା କମିଯିବ। ସେଓରେ ପେକ୍ଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥାଏ। ଦିନରେ ଗୋଟିଏ ବିଟ୍ ମଧ ଖାଇବାକୁ ଚେଷ୍ଟା କରନ୍ତୁ। ଏଥିରେ ଥାଇରଏଡ୍ କମ୍ କରିବାର ତତ୍ତ୍ୱ ଥାଏ। ଏହାକୁ ଖାଇଲେ ଇମ୍ୟୁନ୍ ସିଷ୍ଟମ୍ ଶକ୍ତିଶାଳୀ ଏବଂ ଥାଇରଏଡ୍ ହରମୋନ୍ ନିୟନ୍ତ୍ରିତ ହୋଇଥାଏ।



# କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି

ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ। ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ। ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା। ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ। ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଓ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମଙ୍କ କହିବାନୁସାରେ ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ।




# ପିଲାର ଦାନ୍ତ ଉଠୁଥିଲେ ସଚେତନ ହୁଅନ୍ତୁ



ଦେଢ଼ ବର୍ଷ ଦୁଇବର୍ଷରେ ପିଲାଙ୍କ ଦାନ୍ତ ଉଠେ । ଦାନ୍ତ ଉଠିବା ସମୟରେ ପିଲାଟି ଆଗରେ ଏଣୁତେଣୁ ଜିନିଷ ଯାହା ପଡିଥାଏ ତାକୁ ଉଠାଇ ସେ ପାଟିରେ ପୂରାଏ । କାରଣ ତା’ମାଡି ସେହି ସମୟରେ ସୁଲେଇ ହୁଏ । କିଛି ଜିନିଷ କାମୁଡିବା ଦ୍ୱାରା ମାଡି ଘୋରି ହୋଇ ଦାନ୍ତ ପଦାକୁ ବାହାରି ଆସେ । ତେଣୁ ଏହି ସମୟରେ ମା’କୁ ଟିକେ ସଚେତନ ହେବାକୁ ପଡେ । ପିଲା ଯେପରି ପାଟିରେ ଏଣୁତେଣୁ ନ ପୁରାଇବ ସେ ପ୍ରତି ସତର୍କ ରହିବାକୁ ପଡିବ। ଏହାଦ୍ୱାରା ପିଲାକୁ ବିଭିନ୍ନ ରୋଗ ସଂକ୍ରମଣ କରିବାର ସମ୍ଭାବନା ଥାଏ । ତେଣୁ ଏହି ସମୟରେ ପିଲାକୁ ଗୋଟାଫଳ କାମୁଡିବାକୁ ଦିଅନ୍ତୁ ଅବା ଗୋଟିଏ ଛୋଟ ସଫ୍ଟବ୍ରଶ୍ ତା’ ହାତରେ ଧରାଇ ଦିଅନ୍ତୁ । ଏହାକୁ ସେ ଚୋବାଇବା ଦ୍ୱାରା ଦାନ୍ତ ଅଳ୍ପଦିନ ଭିତରେ ବାହାରକୁ ବାହାରି ଆସେ। ଏହି ଦାନ୍ତ ମଜବୁତ୍ ହେବା ସହ ଶୀଘ୍ର ଦାନ୍ତ ପଡିବ ନାହିଁ ।

# ଶିଶୁର ଉଜ୍ଜ୍ୱଳ ତ୍ୱଚା

**ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା’ ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା’ ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା’ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା’ ଜାଣନ୍ତିନି। ଏନେଇ କିଛି ଟିପ୍ସ....**



■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷ୍ମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସ୍ମୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

# କାମରେ ବାଧା ଏବଂ ଖରାପ ନଜର ଦୂର କରେ କଳା ଶୋରିଷ

ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାଯତ ହୋଇଥାଏ ।





# ମହିଳାଙ୍କ ପାଇଁ ଶକ୍ତିଦାୟୀ

**ପୂର୍ବେ ମହିଳାମାନଙ୍କୁ ଘରୁ କେଉଁଆଡ଼େ ଯିବାକୁ ଅନୁମତି ମିଳୁନଥିଲା । କିନ୍ତୁ ବର୍ତ୍ତମାନ ମହିଳାମାନଙ୍କ ଦାୟିତ୍ୱ ବଢ଼ିଯାଇଛି । ଘର ହେଉ ଅବା ବାହାର ସମସ୍ତ ସ୍ଥାନରେ ମହିଳାଙ୍କ ବେଶୀ କାର୍ଯ୍ୟ କରିବାକୁ ପଡୁଛି । ଘର ସହିତ ବାହାର କାର୍ଯ୍ୟର ଦାୟିତ୍ୱ ସୁରୁଖୁରୁ ଭାବେ ତୁଲାଇବା ସହ ପୁନଶ୍ଚ ଆଉ ଏକ ପ୍ରଭାତ ପାଇଁ ପ୍ରସ୍ତୁତ ହେବାପାଇଁ ମହିଳାଙ୍କୁ ପ୍ରଚୁର ଶକ୍ତି ପ୍ରଦାୟୀ ଖାଦ୍ୟ ଖାଇବା ଆବଶ୍ୟକ । ତେବେ ଜାଣନ୍ତୁ ଖାଦ୍ୟ ପଦାର୍ଥରେ କେଉଁକେଉଁ ଡାଏଫ୍ରୁଟ ସାମିଲ କରିବା ଆବଶ୍ୟକ ।**


*ଡିମ୍ବିରି ଫଳ:* ଡିମ୍ବିରି ଫଳ ପେଟ ପାଇଁ ଖୁବ୍ ଉପାଦାୟୀ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟା କମିଯାଏ । ଏହା ସହ ଶରୀରକୁ ତୁରନ୍ତ ଶକ୍ତି ମଧ୍ୟ ମିଳିଥାଏ । ତେଣୁ ସକାଳୁ ପ୍ରତିଦିନ ଏହାକୁ ଖାଇବା ଆବଶ୍ୟକ । ଡିମ୍ବିରି ଫଳ ଖାଇବା ପାଇଁ ରାତିରେ ୧କପ୍ ପାଣିରେ ୨ଟି ଟିମ୍ବିରି ଫଳ ଭିଜାଇ ରଖି ସକାଳୁ ପାଣିକୁ ପିଇବା ସହ ତାକୁ ଖାଇବା ଆବଶ୍ୟକ । ଚାହିଁଲେ ଚା’ କିମ୍ବା ଦୁଗ୍ଧରେ ମିଶାଇ ସେବନ କରିପାରିବେ ।

*କିସମିସ୍:* ଯେଉଁ ମହିଳାଙ୍କ ଶରୀରରେ କମ୍ ପରିମାଣରେ ଆଇରନ୍ ରହିଥାଏ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ ।ଏଥିପାଇଁ ରାତିରେ ଅଳ୍ପ ପାଣିରେ ୧୦ଟି କିସମିସ୍ ଭିଜାଇ ରଖି ସକାଳୁ ଏହାକୁ ଖାଇବା ଆବଶ୍ୟକ । ଏଥିରେ ଅଳ୍ପ ମେଥିଦାନା ଭିଜାଇ ଖାଇଲେ ମଧ୍ୟ ସୁଫଳ ମିଳିଥାଏ । ଗୋଟେ ଗ୍ଲାସ ପାଣିରେ ୧୦ଟି କିସମିସକୁ ଗରମ କରି ପାଣିକୁ ଅଧା କରିଦେବା ଆବଶ୍ୟକ । ଏହାକୁ ଏକ କାଚପାତ୍ରରେ କାଢ଼ି ଗୁଡ଼ ମିଶାଇ ସେବନ କଲେ ମଧ୍ୟ ଚଳିବ । କିନ୍ତୁ ଏହାକୁ ଥରେ ନୁହେଁ ଦିନରେ ୨-୩ ଥର ଏପରି କରିବା ଆବଶ୍ୟକ ହୋଇଥାଏ ।

*ଶୁଖିଲାପ୍ଲମ ଫଳ:* ୨ଟି ଶୁଖିଲା ପ୍ଲମ୍ ଫଳ ସକାଳୁ ଖାଇବା ଦ୍ୱାରା ପେଟ ଜନିତ ନାନାଦି ସମସ୍ୟା ଦୂର ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହାକୁ ଖାଇବା ଦ୍ୱାରା ପେଟର ଭାରିପଣ ହ୍ରାସପାଏ ଓ ଦିନ ସାରା ଆରାମପ୍ରଦ ରହିଥାଏ । ଫଳରେ ଶରୀରରେ ପ୍ରଚୁର ପରିମାଣରେ ଶକ୍ତି କ୍ଷରଣ ହୋଇଥାଏ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୀତି ...

ଗତ ଶୁକ୍ରବାର ଦିନ ଉନ୍ମୋଚିତ ହୋଇଛି ଭାରତର ନୂଆ ବିଦେଶ ବାଣିଜ୍ୟ ନୀତି (ଏଫ୍‌ଟିପି), ଯାହାକୁ ବେଶ୍ ଦୀର୍ଘ ସମୟ ହେବ ଅପେକ୍ଷା କରାଯାଉଥିଲା । କେନ୍ଦ୍ର ବାଣିଜ୍ୟ, ଉଦ୍ୟୋଗ ଏବଂ ବସ୍ତ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପୀୟୁଷ ଗୋୟଲ ଏହାକୁ ଉନ୍ମୋଚନ କରିଥିବା ବେଳେ ଏହି ନୀତି ଦେଶର ଆର୍ଥିକ ନୀତି ପରିସରର ମୌଳିକ ଗୁରୁତ୍ୱ : ପ୍ରୋତ୍ସାହନଗୁଡ଼ିକୁ ସମାପ୍ତ କରିଛି ଏବଂ ଏଭଳି ଏକ ବ୍ୟବସ୍ଥା ଦିଗରେ ଗତି କରିଛି ଯାହା ମୂଲ୍ୟ ଏବଂ ପଦ୍ଧତିଗତ କଠୋରତା ଦୃଷ୍ଟିରୁ ରପ୍ତାନୀକାରୀମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ହୋଇ ପାରିବ । ସରକାରଙ୍କ କହିବା ଅନୁସାରେ ଏହି ନୀତି ପ୍ରତି ତାଙ୍କର ପ୍ରମୁଖ ଆଭିମୁଖ୍ୟ ଚାରିଗୋଟି ସ୍ତମ୍ଭ ଉପରେ ପର୍ଯ୍ୟବସିତ: ଅବ୍ୟାହତିକୁ ପ୍ରୋତ୍ସାହନ; ରପ୍ତାନୀକାରୀ, ରାଜ୍ୟ, ଜିଲ୍ଲା ଏବଂ ଭାରତୀୟ ମିଶନ୍‌ଗୁଡ଼ିକୁ ସମ୍ପୃକ୍ତ କରି ସହଯୋଗ ଜରିଆରେ ରପ୍ତାନୀ ବୃଦ୍ଧି ; ବ୍ୟବସାୟ କରିବାକୁ ସୁଗମ କରିବା, କାରବାର ମୂଲ୍ୟ ଏବଂ ଇ-ପଦକ୍ଷେପଗୁଡ଼ିକରେ ହ୍ରାସ; ଏବଂ ଉଦୀୟମାନ ଅଞ୍ଚଳଗୁଡ଼ିକୁ ରପ୍ତାନୀକାରୀ କେନ୍ଦ୍ରଗୁଡ଼ିକ ଭାବରେ ଇ-ବାଣିଜ୍ୟ ଜିଲ୍ଲାଗୁଡ଼ିକରେ ବିକଶିତ କରିବା ଏବଂ ସ୍କୋମେଟ୍ (ଏସ୍‌ସିଓଏମ୍‌ଇଟି) ନୀତିକୁ ଶୃଙ୍ଖଳିତ କରିବା । ସ୍କୋମେଟ୍ ହେଉଛି ବିଶେଷ ଧରଣର ରାସାୟନିକ ପଦାର୍ଥ, ଜୈବ ବସ୍ତୁ, ସାମଗ୍ରୀ, ଉପକରଣ ଏବଂ ପ୍ରଯୁକ୍ତିଗୁଡ଼ିକ ପାଇଁ ବ୍ୟବହାର କରାଯାଉଥିବା ସଂକ୍ଷିପ୍ତ ରୂପ । ଏହି ନୀତିର ଘୋଷଣା କରି ଶ୍ରୀଯୁକ୍ତ ଗୋୟଲ କହିଥିଲେ, ‘୨୦୩୦ ସୁଦ୍ଧା ଆମେ ରପ୍ତାନୀ କ୍ଷେତ୍ରରେ ୨ ଟ୍ରିଲିଅନ୍ ଡଲାରର ଲକ୍ଷ୍ୟ ହାସଲ କରିବୁ, କିନ୍ତୁ ଏକଥା ହେବା ଉଚିତ ନୁହେଁ ଯେ ସାମଗ୍ରୀଭିତ୍ତିକ ବାଣିଜ୍ୟିକ କାରବାରଗୁଡ଼ିକ ସେବା ସମୂହର ରପ୍ତାନୀଗୁଡ଼ିକଠାରୁ କମିଯିବ ।’ ସରକାରଙ୍କର ଏ ବାବଦରେ ଧ୍ୟାନ କେନ୍ଦ୍ରିତ କରିବାକୁ ସଠିକ୍ ବୋଲି କୁହାଯାଇ ପାରିବ, କାରଣ ସାମଗ୍ରୀଭିତ୍ତିକ କାରବାରଗୁଡ଼ିକ ଏ ପର୍ଯ୍ୟନ୍ତ ପଛୁଆ ରହି ଆସିଛି । ୨୦୨୨- ୨୩ର ପ୍ରଥମ ୧୧ ମାସ ଭିତରେ ସେଗୁଡ଼ିକ ୪୦୫.୯୪ ବିଲିଅନ୍‌ରେ ରହିଥିଲେ, ଯାହା ଥିଲା ୨୦୨୧-୨୨ର ସମାନ ଅବଧିରେ ଥିବା ୩୭୭.୪୩ ବିଲିଅନ୍ ଡଲାରଠାରୁ ୭.୫୫ ପ୍ରତିଶତ ଅଧିକ । ବିପରୀତ ପକ୍ଷରେ, ସେବାଗୁଡ଼ିକର ରପ୍ତାନୀ ସମୂହ ଏପ୍ରିଲ ୨୦୨୧–ଫେବୃଆରୀ ୨୦୨୨ରେ ୨୨୭.୫୮ ବିଲିଅନ୍‌ରୁ ଏପ୍ରିଲ ୨୦୨୨- ଫେବୃଆରୀ ୨୦୨୩ ମଧ୍ୟରେ ୨୯୬.୯୪ ବିଲିଅନ୍‌କୁ ବୃଦ୍ଧି ପାଇଥିଲା, ଯାହା ଥିଲା ୨୪.୫୬ ପ୍ରତିଶତର ବୃଦ୍ଧି । ଏଥିରେ ଆଶ୍ଚର୍ଯ୍ୟ ହେବାର କ୍ୱଚିତ୍ କିଛି ରହିଛି, କାରଣ ବିନିର୍ମାଣ କ୍ଷେତ୍ରରେ ଭାରତର ଦୁର୍ବଳତା କିଛି ଲୁଚାଛପା କଥା ନୁହେଁ; ଅର୍ଥନୀତିକ ସଂସ୍କାରଗୁଡ଼ିକ ତିନି ଦଶନ୍ଧିରୁ ଅଧିକ ସମୟ ପୂର୍ବେ ଆରମ୍ଭ ହୋଇଥିଲା, କିନ୍ତୁ ଏବେ ସୁଦ୍ଧା ସେଗୁଡ଼ିକ ସେହି ନିମ୍ନତମ ସ୍ତରରେ ଜମାଟ ବାନ୍ଧି ରହିଛି । ଆଉ ଏହା ହିଁ ଏଫ୍‌ଟିପିରେ ରାଜ୍ୟ, ଜିଲ୍ଲା, ବ୍ୟବସାୟକୁ ସୁଗମ କରିବା, କାରବାର ମୂଲ୍ୟରେ ହ୍ରାସ ଏବଂ ଇ-ପଦକ୍ଷେପଗୁଡ଼ିକ ଉପରେ ଅଧିକ ଧ୍ୟାନ ଦିଆଯିବାର କାରଣରକୁ ବଖାଇ ଥାଏ । ଏକ ଆଧିକାରିକ ପ୍ରେସ୍ ଇସ୍ତାହାର ଅନୁସାରେ, ଏଫ୍‌ଟିପି ୨୦୨୩ ସମୟର କଷଟି ପଥରରେ ପରୀକ୍ଷିତ ଯୋଜନାଗୁଡ଼ିକର ନିରନ୍ତରତାକୁ ବଜାୟ ରଖିବ, ଯାହା ରପ୍ତାନୀଗୁଡ଼ିକୁ ସୁଗମ କରାଉଛି । ଏଥି ସହିତ ଏହା ମଧ୍ୟ ଯୋଗ କରିଛି ଯେ ଏହା ହେଉଛି ଏକ ଦସ୍ତାବିଜ ଯାହା ସ୍ଫୁର୍ତିଶୀଳ ଏବଂ ବ୍ୟବସାୟିକ କାରବାର ପ୍ରତି ପ୍ରତିକ୍ରିୟାଶୀଳ । ବିଶ୍ୱ ବାଣିଜ୍ୟ ସଂଗଠନର ନିୟମଗୁଡ଼ିକର ଭାରତ ଦ୍ୱାରା ଅନୁପାଳନକୁ ସ୍ୱୀକୃତି ପ୍ରଦାନ କରିବାକୁ ଯାଇ ରପ୍ତାନୀଗୁଡ଼ିକର ବୃଦ୍ଧି ପାଇଁ ଆବଶ୍ୟକ ଅନ୍ତର୍ନିବେଶଗୁଡ଼ିକର ଶୁଳ୍କ-ମୁକ୍ତ ଆମଦାନୀକୁ ଶୁଳ୍କ ରିହାତି ଏବଂ ଅବ୍ୟାହତି ବାବଦରେ ପ୍ରୋତ୍ସାହନରୁ ଏକ ସକ୍ଷମ କରାଇବା ନିମନ୍ତେ କରାଯାଇଥିବା ଯୋଜନାଗୁଡ଼ିକ ଦିଗକୁ ପରିବର୍ତ୍ତନ ପାଖାପାଖି ଶେଷ ହୋଇଛି । ଆରଓଡିଟିଇପି (ରପ୍ତାନୀ କରାଯାଇଥିବା ଉତ୍ପାଦଗୁଡ଼ିକ ଉପରେ ଶୁଳ୍କ ଏବଂ ଟିକସ ଛାଡ଼), ଆରଓଏସ୍‌ସିଟିଏଲ୍ (ରାଜ୍ୟ ଏବଂ କେନ୍ଦ୍ରୀୟ ଟିକସ ଏବଂ ଲେଭିଗୁଡ଼ିକ ଉପରେ ରିହାତି), ଏ (ଅଗ୍ରୀମ ପ୍ରାଧିକରଣ) ଏବଂ ଇପିସିଜି (ରପ୍ତାନୀ ପ୍ରୋତ୍ସାହନ ଆର୍ଥିକ ସାମଗ୍ରୀ ସମୂହ) ସମେତ ଏହିସବୁ ଯୋଜନାରୁ ଅଧିକାଂଶ ବେଶ୍ କିଛି ସମୟ ଧରି ପରିସରକୁ ଘେରି ରହିଥିଲା ଏବଂ ସଦ୍ୟତମ ପ୍ରକାଶିତ ନୀତି ଗ୍ରହଣୀୟତାରେ ଉନ୍ନତି ଘଟାଇବା ନିମନ୍ତେ କାର୍ଯ୍ୟାନ୍ୱୟନର କେତେକ ସର୍ତ୍ତକୁ ପରିବର୍ତ୍ତିତ କରିଛି । ଉଦାହରଣ ସ୍ୱରୂପ, ପୋଷାକ ଏବଂ ବସ୍ତ୍ର ଭଳି ଏକ ପ୍ରମୁଖ ଉଦ୍ୟୋଗ କ୍ଷେତ୍ରରେ ବର୍ତ୍ତମାନ ସବୁ ରପ୍ତାନୀକାରୀଙ୍କ ନିମନ୍ତେ ଏକ ଆତ୍ମ-ଘୋଷଣାର ସୁବିଧା ପ୍ରଦାନ କରାଯାଇଛି । ସେହିପରି ଉଭୟ ଏବଂ ଇପିସିଜି ଯୋଜନାର ସୁବିଧାକୁ ଲାଭ କରିବା ନିମନ୍ତେ ରପ୍ତାନୀକାରୀମାନଙ୍କୁ ଅଧିକ ସମୟ ଦେବାକୁ ଯାଇ ଥରିକିଆ ରାଜକ୍ଷମା ମଧ୍ୟ ପ୍ରଦାନ କରାଯାଇଛି । ପୁନଶ୍ଚ, ଅନ୍‌ଲାଇନ୍ କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧିକୁ ବିଚାରକୁ ନେଇ ଏହି ନୀତି ଉତ୍ସର୍ଗୀକୃତ ଇ-ବ୍ୟବସାୟ କେନ୍ଦ୍ରମାନଙ୍କର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପଗୁଡ଼ିକ ସମେତ ‘ଡିଜିଟାଲ ଅର୍ଥନୀତିରେ ସୀମାପାର ବ୍ୟବସାୟକୁ ପ୍ରୋତ୍ସାହନ’ ଦେବା ନିମନ୍ତେ ଏକ ସମ୍ପୂର୍ଣ୍ଣ ଅଧ୍ୟାୟ ଉତ୍ସର୍ଗ କରିଛି । ତଥାପି କୋଭିଡ୍– ୧୯ ଏବଂ ତା’ ପରେ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ସାମଗ୍ରୀଭିତ୍ତିକ ବୈଶ୍ୱିକ ବାଣିଜ୍ୟ ବ୍ୟବସାୟ ଆପାତତଃ ଶାନ୍ତ ଅବସ୍ଥାକୁ ଆପଣାଇ ଥିବା ଏବଂ ସେବା କ୍ଷେତ୍ରଗୁଡ଼ିକ ପ୍ରମୁଖ ପାଶ୍ଚାତ୍ୟ ବଜାରଗୁଡ଼ିକରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ଏଫ୍‌ଟିପି ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଉଦ୍ୟୋଗଭିତ୍ତିକ ଲକ୍ଷ୍ୟଭୁକ୍ତ ପଦକ୍ଷେପଗୁଡ଼ିକ

# ରାମାୟଣର କେତୋଟି ସ୍ୱଳ୍ପଜ୍ଞାତ ବିଷୟ



### ଇଂ.ସଚ୍ଚିଦାନନ୍ଦ ନନ୍ଦ

ମନ୍ଥରାର ଶିକ୍ଷାର ଫଳସ୍ୱରୂପ କୈକେୟୀ ଦଶରଥଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଦୁଇଟି ବର ମାଗିନେଲେ ଯେ ଭରତ ରାଜା ହେବ ଓ ଦ୍ୱିତୀୟରେ ରାମ ଚଉଦ ବର୍ଷ ଲାଗି ବନବାସ କରିବ । ପୂର୍ବ ଦିନର ବ୍ୟବସ୍ଥା ଅନୁସାରେ ସେ ଦିନ ପ୍ରତ୍ୟୁଷରୁ ରାମ ନିଜର ପବିତ୍ର ସ୍ନାନାଦି କର୍ମ ସାରି ଅଭିଷେକ ପାଇଁ ପ୍ରସ୍ତୁତ ଥିଲେ । ଡାକରା ପାଇ କୈକେୟୀ ଓ ଦଶରଥଙ୍କ ପାଖେ ପହଞ୍ଚି ଯାହା ଦେଖିଲେ ଓ ଶୁଣିଲେ, ସେଥିରେ ତିଳେମାତ୍ର ବ୍ୟଥିତ ନହୋଇ, ତତ୍‌କ୍ଷଣାତ ବନକୁ ଯିବା ଲାଗି ବାହାରି ପଡ଼ିଲେ । ସୀତା ଏହାଶୁଣି ପଚାରିଲେ, ‘ସ୍ୱାମୀ ! ଆପଣ ନିଜକୁ ଯେତେ ଲୁଚାଇଲେ ମଧ୍ୟ ମୋ ଆଖିରୁ ଖସି ଯାଇ ପାରିବେ ନାହିଁ । ଗତକାଲି ଠାରୁ କାହିଁକି ମୋତେ ଏ କଥା କହି ନଥିଲେ ଯେ ଆପଣ ଜାଣନ୍ତି ଯେ ଆପଣ ଆଜି ରାଜା ହେବାକୁ ଯାଉ ନାହାନ୍ତି ବୋଲି । ରାମଚନ୍ଦ୍ରଙ୍କ ଉତ୍ତର ଥିଲା, ଏ ନାଟକଟି ତ ଗତକାଲି ଠାରୁ ଅଭିନୀତ ହୋଇ ନଥିଲା, କିପରି କହିଥାନ୍ତି ଓ ପିତାଙ୍କ ଆଦେଶକୁ ଅବଜ୍ଞା କରିଥାନ୍ତି ?’ ସୀତା କହିଲେ, ଗତ କାଲିଠାରୁ ଆଜି ଭିତରେ ଯାହା ଘଟିଗଲା, ତାହା ମଧ୍ୟ ଆପଣଙ୍କ ଇଚ୍ଛାରେ ହେଲା । ହେଲେ, ଆପଣ କାହିଁକି ରାଜା ହେବାକୁ ମନ କଲେନାହିଁ ? ରାମଚନ୍ଦ୍ର ଯେଉଁ ଉତ୍ତର ଦେଲେ ତାହା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ରାମଚନ୍ଦ୍ର କହିଲେ, ‘ଆମେ ଚାରିଭାଇ ଏକା ଦିନକେ ଜନ୍ମ ହେଲୁ, ଏକା ସାଙ୍ଗରେ ଏକ ଗୁରୁଙ୍କ ପାଖରେ ରହି ପାଠ ପଢ଼ିଲୁ, ଚାରି ଜଣ ଯାକ ଏକ ସାଙ୍ଗେ ଗୁରୁକୁଳରୁ ଆସିଲୁ, ଏକ ସଙ୍ଗେ ଆମର ବିବାହ ସମ୍ପନ୍ନ ହେଲା । ସେହିପରି ଏକ ସଙ୍ଗେ ଚାରିଜଣ ଯାକ ରାଜା ହୋଇଥିଲେ ମୁଁ ରାଜା ହେବାକୁ ଇଚ୍ଛା କରିଥାଆନ୍ତି । ଯେହେତୁ କେବଳ ମୋତେ ରାଜା କରିବାକୁ ପିତା ଆଦେଶ କଲେ ମୁଁ ମୋ ଅନ୍ତରତମ ପ୍ରଦେଶରୁ ଏହା ଚାହିଁ ନଥିଲି । ତେଣୁ ଏ ନାଟକ ପରିବେଷଣ କରାଇଲି ।’

ସୀତା ଠାବ କରିବାକୁ ହନୁମାନ ଯାଇ ଲଙ୍କାରେ ପହଞ୍ଚିଲା । ସେ ତ ସୀତାଙ୍କୁ ଦେଖି ନଥିଲା । କେମିତି ସୀତାଙ୍କୁ ପାଇବ, କେଉଁଠି ପାଇବ, ଏହାଭାବି ଭାବି ଯାଉ ଯାଉ ଗୋଟିଏ ଘରୁ ହରି ଶବ୍ଦ ଶୁଣାଗଲା । ଲଙ୍କାରେ ହରି ଶବ୍ଦ ତାହେଲେ ଅଛି । ସେଠାରେ ଅଟକି ଭଲ ଭାବେ ଶୁଣିଲା । ହରିନାମ ସହ ରାମ ନାମ ମଧ୍ୟ ଶୁଣିଲା, ତା ଆଗ୍ରହ ଆହୁରି ବଢ଼ିଲା । ଗୃହକର୍ତ୍ତା କିଏ ବୋଲି ଜାଣିବାକୁ ଇଚ୍ଛା କଲା, କାରଣ ତାଙ୍କରି ମାଧ୍ୟମରେ ସୀତା କେଉଁଠି ଅଛନ୍ତି ଜାଣିହେବ । ଦେଖିଲାବେଳକୁ ସେ ଘରଟି ବିଭୀଷଣର ଘର । ଦୁହେଁ କଥାବାର୍ତ୍ତା ହେଲେ । ବିଭୀଷଣ କହିଲା, ହେ ରାମଭକ୍ତ ହନୁମାନ, ମୁଁ ବହୁ ଦିନ ଧରି ରାମ ନାମ କରି ଆସୁଅଛି, କିନ୍ତୁ ରାମଙ୍କର ମୋ ଉପରେ କୃପା ନାହିଁ । ମୁଁ ତ ଅସୁର ବଂଶରେ ଜନ୍ମ । ମୁଁ କ’ଣ ତାଙ୍କ କୃପା ଲାଭ କରି ପାରିବି ? ହନୁମାନ କହିଲା, ହେ ବିଭୀଷଣ, ତୁମେ ତ ଅସୁର ଘରେ ଜନ୍ମ, ମୋତେ ଦେଖ, ମୁଁ ପରା ମାଙ୍କଡ଼ ଓ ମୁଁ ଯଦି ରାମକୃପା ଲାଭ କରିପାରିଲି ତୁମେ କାହିଁକି ନପାରିବ ? କିନ୍ତୁ ଗୋଟିଏ କଥା ମନେରଖ, କେବଳ ରାମ ନାମ କଲେ କୃପା ବିଳମ୍ବିତ ହୋଇଯାଇପାରେ, ଯଦି ଶୀଘ୍ର କୃପା ପାଇବାକୁ ଚାହୁଁଛ ତେବେ ରାମ ନାମ ସହ ରାମ କାମ ମଧ୍ୟ କରିବାକୁ ହେବ । ସୀତା କେତେ ଦିନ ହେଲା ଏଠାକୁ ଆସିଲେଣି, ତୁମେ କେବେ ତାଙ୍କୁ ଭେଟିଲଣି, ଆଶ୍ୱାସନା ଦେଲଣି, ତାଙ୍କ ଦର୍ଶନ ଲାଭ କଲଣି କି ? ବିଭୀଷଣକୁ ଭଲ ଶିକ୍ଷାଟିଏ ହେଲା । ସେ କହିଲା, ‘ହନୁମାନ ପ୍ରକୃତରେ ମୁଁ ଏସବୁ କିଛି କରିନାହିଁ ଖାଲି ଘରେ ବସି ତାଙ୍କ ନାମ କରୁଛି । ଏବେ ଠାରୁ ତୁମ କଥା ମାନି ତାଙ୍କ ନାମ ସହ ତାଙ୍କ କାମ କରିବାରେ ଲାଗିବି । ମୋର ରାମ କୃପା ଆବଶ୍ୟକ ।’ ରାମ ରାବଣ ଯୁଦ୍ଧ ଚାଲିଥିବା ସମୟର କଥା । ପ୍ରତିଦିନ ସଂଧ୍ୟା ହେଲେ ଯୁଦ୍ଧ ବନ୍ଦ ହୁଏ, ପରଦିନ ସୂର୍ଯ୍ୟୋଦୟରେ ପୁନଶ୍ଚ ଯୁଦ୍ଧ ଆରମ୍ଭ ହୁଏ । ସଂଧ୍ୟା ସମୟରେ ସେନାମୁଖ୍ୟମାନେ ରାମଚନ୍ଦ୍ରଙ୍କ ପାଖରେ ଏକତ୍ର ହୁଅନ୍ତି । ରାମଚନ୍ଦ୍ର ବିଭିନ୍ନ ପ୍ରକାର କଥା ପକାଇ ସେମାନଙ୍କ ମନରେ ଆସନ୍ତା କାଲି ଯୁଦ୍ଧ ପାଇଁ ବଳ ଦେବା ପାଇଁ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରାନ୍ତି । ଥରେ ଏହି ଭଳି ଏକ ସଂଧ୍ୟାରେ ଲକ୍ଷ୍ମଣଙ୍କ ଜଙ୍ଘରେ ମୁଣ୍ଡରଖି ଆକାଶକୁ ଚାହିଁ ରାମଚନ୍ଦ୍ର ଶୋଇଥିଲେ । ଆକାଶରେ ଚନ୍ଦ୍ର ଶୋଭା ପାଉଥିଲା । ତାକୁ ଦେଖି ରାମଚନ୍ଦ୍ର ସୁଗ୍ରୀବକୁ ପଚାରିଲେ, ‘ଚନ୍ଦ୍ରରେ ଯେଉଁ କଳା ଦାଗ ଦେଖାଯାଉଛି ତାହା ବାବଦରେ କ’ଣ ଜାଣିଛ ?’ ସୁଗ୍ରୀବ କହିଲେ ସେହି ଠେକୁଆ କାହାଣୀ । ଏହାପରେ ରାମଚନ୍ଦ୍ର ବିଭୀଷଣକୁ ସେହି ଏକା ପ୍ରଶ୍ନ ପଚାରିଲେ । ବିଭୀଷଣ କହିଲେ, ଚନ୍ଦ୍ରରେ ଯେଉଁ ଖାଲୁଆ ସ୍ଥାନଗୁଡ଼ିକ ଅଛି ସେଥିରେ ସୂର୍ଯ୍ୟ କିରଣ ନ ପଡ଼ିବାରୁ ତାହା ଅନ୍ଧାରିଆ ରହି କଳା କଳା ଦେଖାଯାଉଛି । ଏହାପରେ ରାମଚନ୍ଦ୍ର ହନୁମାନଙ୍କୁ ପଚାରିଲେ, ହନୁମାନ ତୁମେ ଜାଣିଛ କି ଏ ଦାଗ ଗୁଡ଼ିକ କ’ଣ ? ହନୁମାନ କହିଲେ ‘ପ୍ରଭୁ ମୁଁ ଜାଣିଛି । ରାମଚନ୍ଦ୍ର କହିଲେ ତେବେ କହୁନ କାହିଁକି ? ହନୁମାନ କହିଲେ ମୋତେ କହିବାକୁ ଆଦେଶ ହୋଇ ନଥିଲା ବୋଲି କହୁ ନଥିଲି, ଏବେ କହିବି । ରାମଚନ୍ଦ୍ର ତଥା ଅନ୍ୟ ସମସ୍ତେ ହନୁମାନର ଉତ୍ତରକୁ ଅପେକ୍ଷା କରିଥାନ୍ତି । ହନୁମାନ କହିଲେ, ‘ପ୍ରଭୁ, ଚନ୍ଦ୍ର ଗୋଟିଏ ଦର୍ପଣ ଭଳି ଉଜ୍ଜ୍ୱଳ ପଦାର୍ଥ । ଆପଣ ତା ଆଡ଼କୁ ମୁହଁ କରି ଶୋଇଛନ୍ତି । ଆପଣଙ୍କ ରଙ୍ଗ ଶ୍ୟାମଳ ଦୁର୍ବାଦଳ ଭଳି । ଚନ୍ଦ୍ରର ସେ କଳା ଦାଗ ଆପଣଙ୍କ ମୁଖର ପ୍ରତିଫଳନ ବିନା ଅନ୍ୟ କିଛି ନୁହେଁ ।’ ଏ ଉତ୍ତର ଶୁଣି ସେଠାରେ ଥିବା ସମସ୍ତେ ଉପଲବ୍ଧି କଲେ, ହନୁମାନଙ୍କ ଭକ୍ତି କେତେ ଉଚ୍ଚତର । ସେ ସର୍ବତ୍ର ରାମ ଦର୍ଶନ ହିଁ କରୁଥିଲେ । ତାଙ୍କ ମୁହଁରୁ ଏହି ଉତ୍ତର ବାହାର କରି ପ୍ରଭୁ, ରାମଚନ୍ଦ୍ର ହନୁମାନର ଭକ୍ତକୁ ସର୍ବସମକ୍ଷରେ ପ୍ରଶଂସନୀୟ କରିଦେଲେ ।

ରାବଣ ରାମଚନ୍ଦ୍ରଙ୍କ ଶରାଘାତରେ ଭୂତଳ ଶାୟୀ ହୋଇପଡ଼ି ରହିଥାଏ, କିଛି ସମୟ ଭିତରେ ତା’ର ପ୍ରାଣପକ୍ଷୀ ଚାଲି ଯିବା ଭଳି ଜଣାପଡୁଥାଏ । ଏହି ସମୟରେ ରାମଚନ୍ଦ୍ର ଲକ୍ଷ୍ମଣକୁ ଡାକି କହିଲେ, ‘ଲକ୍ଷ୍ମଣ, ରାବଣ ଜଣେ ଭଲ ଶାସକ ଥିଲା, ଆମେ ତ ରାଜ୍ୟ ଶାସନ କରିନେ, ଅଯୋଧ୍ୟା ଫେରିଲା ପରେ ଆମ ଉପରେ ସେ ଦାୟିତ୍ୱ ପଡ଼ିବା ଯାଅ, ରାବଣକୁ ରାଜ୍ୟ ଶାସନ ବିଷୟରେ କିଛି ପରାମର୍ଶ ମାଗ ।’ ଲକ୍ଷ୍ମଣ ନିଜ ଇଚ୍ଛା ବିରୁଦ୍ଧରେ, କେବଳ ଭାଇଙ୍କ ଆଦେଶ ମାନି, ରାବଣ ପଡ଼ି ଥିବା ସ୍ଥାନକୁ ଗଲା ତା’ମୁହଁ ପାଖେ ବସି ରାମଚନ୍ଦ୍ର କହିଥିବା କଥା କହିଲା । ରାବଣ କିଛି କହିଲା ନାହିଁ । ଦୁଇଥର ପଚାରିବା ସତ୍ତ୍ୱେ ସେ କିଛି ଉତ୍ତର ଦେଲାନାହିଁ । ଲକ୍ଷ୍ମଣ ଫେରି ଆସି ଭାଇଙ୍କୁ ତାହା ଜଣାଇଲା । ରାମଚନ୍ଦ୍ର କହିଲେ, ଲକ୍ଷ୍ମଣ, ରାବଣ ଏ ପର୍ଯ୍ୟନ୍ତ ମରିନାହିଁ, ସେ ଯେ ପର୍ଯ୍ୟନ୍ତ ମରିନାହିଁ ସେ ପର୍ଯ୍ୟନ୍ତ ସେ ରାଜା । ଜଣେ ରାଜା ସହିତ ଯେପରି କଥାବାର୍ତ୍ତା କରିବାକୁ ହୁଏ ତୁମେ ସେପରି କରିନାହିଁ । ଆଉଥରେ ଯାଅ, ତାକୁ ରାଜୋଚିତ ବ୍ୟବହାର ଦେଇ ପଚାର, ସେ ଉତ୍ତର ଦେବ । ଲକ୍ଷ୍ମଣ ଆଉଥରେ ଗଲେ, ଏଥର ପାଖେ ବସି ନମ୍ରତାର ସହ ସେହି ପୁରୁଣା ପ୍ରଶ୍ନ ପଚାରିଲେ । ରାବଣ ଉତ୍ତର ଦେଇଥିଲା । କହିବାର କଥା ଭଗବାନ ରାମଚନ୍ଦ୍ର ନିଜର ପରମ ଶତ୍ରୁ ଠାରୁ ମଧ୍ୟ ଔଶତ୍ୟ ଜ୍ଞାନ ହରାଇ ନଥିଲେ । ଶତ୍ରୁଠାରୁ ଥିବା ଭଲ ଗୁଣକୁ ସମ୍ମାନ ଦେଉଥିଲେ । କଥାବାର୍ତ୍ତା କରିବାରଶୈଳୀ ନିଜ ଭାଇକୁ ମଧ୍ୟ ଶିକ୍ଷା ଦେଲେ ।


♥ ଅଲିଶା ବଜାର, କଟକ,
ମୋ : ୯୪୩୭୫୧୧୨୩୦


# ଆଦାନୀଙ୍କ ପରେ ଅନୀଲ : ଅଡୁଆରେ ବେଦା



### ଗୋପାଳ ମହାପାତ୍ର

ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପ୍ ସମ୍ପର୍କରେ ଅନେକ ତଥ୍ୟ ଜଣାପଡ଼ିଥିଲା ସ ଆଦାନୀଙ୍କ ସାମ୍ରାଜ୍ୟ ଏବେ ଭୁଷୁଡ଼ିବାକୁ ଲାଗିଛି । ଆଦାନୀ ଗ୍ରୁପ୍‌କୁ ସରକାର ଯେମିତି ସରକାରୀ ସମ୍ପତ୍ତିକୁ ହସ୍ତାନ୍ତର କରିଥିଲେ, ଠିକ୍ ସେହିମିତି ଆଉ ଜଣେ ଶିଳ୍ପପତି ଅନୀଲ ଅଗ୍ରୱାଲଙ୍କୁ ପୂର୍ବର ବାଜପେୟୀ ସରକାର ଶାଗ ମାଛ ମୂଲ୍ୟରେ ବାଲ୍‌କୋ ଏବଂ ହିନ୍ଦୁସ୍ଥାନ ଜିଙ୍କ୍ କମ୍ପାନୀକୁ ବିକ୍ରି କରିଥିଲେ । ଏବେ ଅନୀଲଙ୍କ ପ୍ରସଙ୍ଗ ସୁପ୍ରିମକୋର୍ଟରେ । ଆଦାନୀଙ୍କ ସାମ୍ରାଜ୍ୟ ଦୋହଲିବା ଭଳି ଅନୀଲ ଅଗରୱାଲଙ୍କ ସାମ୍ରାଜ୍ୟ ମଧ୍ୟ ଦୋହଲିଯିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ଆଦାନୀ ଗ୍ରୁପ୍‌ର ସେୟାରର ମୂଲ୍ୟ ହ୍ରାସ ପାଇବା ଭଳି ବେଦାନ୍ତର ସେୟାର ମୂଲ୍ୟ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଏହି ଘଟଣା ଯୋଗୁଁ ଏବେ ବେଦାନ୍ତର ମାଲିକ ଋଣ ପରିଶୋଧ ଏବଂ ଅଧିକ ଅର୍ଥ ଯୁଟାଇବା ଉଦ୍ଦେଶ୍ୟରେ ନିଜ କମ୍ପାନୀର କିଛି ସେୟାର (ଅଂଶ) ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡକୁ ବିକ୍ରି କରିବାକୁ ଚାହୁଁଛନ୍ତି, କିନ୍ତୁ ସରକାର ଏଥିପାଇଁ ଅନୁମତି ଦେଉନାହାଁନ୍ତି । ମୋଦି ସରକାର ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ରେ ଥିବା ସରକାରୀ ଅଂଶଧନକୁ ବିକ୍ରି କରିବାକୁ ଚାହୁଁଛନ୍ତି । ଏଣୁ ସେୟାର ମାର୍କେଟ୍‌ରେ ମୂଲ୍ୟ ହ୍ରାସ ପାଉଥିବା ଅନୀଲ୍ ଅଗ୍ରୱାଲଙ୍କ କମ୍ପାନୀର ସେୟାରକୁ ହିନ୍ଦୁସ୍ଥାନ ଜିଙ୍କ୍ କ୍ରୟ କରିବା ନେଇ କରାଯାଇଥିବା ଆବେଦନକୁ ଅନୁମୋଦନ କରୁନାହାନ୍ତି । ଅନୀଲ୍ ଅଗ୍ରୱାଲ୍ ବେଦାନ୍ତର ଅଂଶଧନ ଜିଙ୍କ୍ ଲିମିଟେଡ୍‌କୁ ବିକ୍ରି କରିବାକୁ ଚାହୁଁଛନ୍ତି, ଯଦିଓ ଜିଙ୍କ୍ ଲିମିଟେଡର ପରିଚାଳନା ତାଙ୍କ ହାତରେ ରହଛି । ହିନ୍ଦୁସ୍ଥାନ ଜିଙ୍କ୍‌ରେ କେନ୍ଦ୍ର ସରକାରଙ୍କର ୨୯.୫୪ ପ୍ରତିଶତ ଅଂଶ ଥିଲାବେଳେ ବେଦାନ୍ତ ପାଖରେ ୬୪.୯୨% ଅଂଶ ରହିଛି । ୨୦୦୦ ମସିହାରେ ବାଜପେୟୀ ସରକାର ଭାରତ ଆଲୁମିନିୟମ୍ କମ୍ପାନୀ ବାଲ୍‌କୋ ଏବଂ ୨୦୦୨ରେ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌କୁ ଅନୀଲ ଅଗ୍ରୱାଲଙ୍କୁ ବିକ୍ରି କରିଦେଇଥିଲେ ।

ଅନୀଲ ଅଗ୍ରୱାଲ୍‌ଙ୍କର ମେଟାଲ୍ ସ୍କ୍ରାପ୍‌ର ବଡ଼ ବ୍ୟବସାୟ ଥିଲା ଓ ଷ୍ଟେରଲାଇଟ୍ ନାମକ ଏକ କମ୍ପାନୀ ଥିଲା । ବାଜପେୟୀ ସରକାର କେନ୍ଦ୍ର ସରକାରଙ୍କ କେତେକ କମ୍ପାନୀକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ବିନିବେଶ ମନ୍ତ୍ରଣାଳୟ ନାମ ଏକ ନୂଆ ମନ୍ତ୍ରଣାଳୟ ଗଠନ କରିଥିଲେ । ବିନିବେଶ ମନ୍ତ୍ରଣାଳୟ ବାଲ୍‌କୋର ୫୧ ପ୍ରତିଶତ ଅଂଶ ଓ କମ୍ପାନୀର ପରିଚାଳନା ଦାୟିତ୍ୱକୁ ମାତ୍ର ୫୫୧.୫ କୋଟି ଟଙ୍କାରେ ଅନୀଲ୍ ଅଗ୍ରୱାଙ୍କୁ ବିକ୍ରି କରିଥିଲେ । ସେତେବେଳେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ମାମଲା ମଧ୍ୟ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ବାଲ୍‌କୋର ଅଂଶଧନ ବିକ୍ରିକୁ ନେଇ ବାଲ୍‌କୋରେ ୬୭ ଦିନ ଧର୍ମଘଟ ମଧ୍ୟ ଚାଲିଥିଲା । ଏ ସମ୍ପର୍କରେ ଏକ କମିଟି ତଦନ୍ତ କରିଥିଲା । ତଦନ୍ତକାରୀ କମିଟି ଯେଉଁ ରିପୋର୍ଟ ଦେଇଛି, ତଦନୁସାରେ ୨୦୦୯-୧୦ ରୁ ୨୦୧୬-୧୭ ୭ ବର୍ଷ ମଧ୍ୟରୁ ପାଞ୍ଚ ବର୍ଷରେ ବାଲ୍‌କୋରୁ ଯେତିକି ଉତ୍ପାଦନ ହୋଇଥିବା, ତା’ଠାରୁ ୮୬୭୪ କୋଟି ଟଙ୍କା କମ୍ ଉତ୍ପାଦନ ହୋଇଛି ବୋଲି ଦର୍ଶାଇ ଅନୀଲ ଅଗ୍ରୱାଲ୍ ସରକାରଙ୍କୁ ଜମେଇକି ଚୁନ ଲଗାଇଥିଲେ ।

ହିନ୍ଦୁସ୍ଥାନ ଜିଙ୍କ୍‌ର କାହାଣୀ ମଧ୍ୟ ଆହୁରି ମଜାଦାର । ଏବେ ବି ହିନ୍ଦୁସ୍ଥାନ ଜିଙ୍କ୍ କମ୍ପାନୀ ବିଶ୍ୱର ଶ୍ରେଷ୍ଠ-୩ ଜିଙ୍କ୍ ଖନନ କମ୍ପାନୀ ମଧ୍ୟରୁ ଅନ୍ୟତମ । ୧୯୬୬ ମସିହାରେ ଏହି କମ୍ପାନୀ ପ୍ରତିଷ୍ଠା କରାଯାଇଥିଲା । ବିଶ୍ୱର ୧୦ ପ୍ରମୁଖ ରୂପା ଉତ୍ପାଦକ କମ୍ପାନୀ ମଧ୍ୟରୁ ଏହା ମଧ୍ୟ ଅନ୍ୟତମ କମ୍ପାନୀ । ହିନ୍ଦୁସ୍ଥାନ ଜିଙ୍କ୍ ନିୟନ୍ତ୍ରଣରେ ରହଛି ବିଶ୍ୱର ତୃତୀୟ ବୃହତ୍ତମ ଖଣି ଓ ରାଜସ୍ଥାନର ରାମକୁରାଠାରେ ବିଶ୍ୱର ବୃହତ୍ ଜିଙ୍କ୍ ଖନନ କାର୍ଯ୍ୟର ସଂଚଳନ । ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୧୦ଲକ୍ଷ ଟନ୍ । ୨୦୦୨ରେ ବାଜପେୟୀ ସରକାର ପ୍ରଥମେ ଏହି କମ୍ପାନୀର ୨୬ ପ୍ରତିଶତ ଅଂଶ ଅନୀଲ୍ ଅଗ୍ରୱାଲଙ୍କୁ ବିକ୍ରି କରିଥିଲେ । କେନ୍ଦ୍ର ସରକାରଙ୍କ ୨୬ ପ୍ରତିଶତ ଅଂଶଧନ ପରେ ଅନ୍ୟ ଅଂଶୀଦାରମାନଙ୍କଠାରୁ ୨୦ ପ୍ରତିଶତ ଅଂଶ ମଧ୍ୟ ଅନୀଲ୍ କ୍ରୟ କରିଥିଲେ । ୨୦୦୩ରେ କେନ୍ଦ୍ର ସରକାର ପୁନର୍ବାର ଅନୀଲ୍ ଅଗ୍ରୱାଲଙ୍କୁ ୧୮.୯୨ ପ୍ରତିଶତ ଅଂଶଧନ ବିକ୍ରି କରିଦେଇଥିଲେ । ମୋଟାମୋଟି ହିନ୍ଦୁସ୍ଥାନ ଜିଙ୍କ୍‌ର ୬୪ ପ୍ରତିଶତ ଅଂଶକୁ ଅନୀଲ୍ ୧୫୦୦ କୋଟି ଟଙ୍କାରେ କିଣିଥିଲେ । କିନ୍ତୁ ସେ ସମୟରେ ଏହାର ମୂଲ୍ୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା । ହିନ୍ଦୁସ୍ଥାନ ଜିଙ୍କ୍ ଅଧିନରେ ଯେଉଁ ଖଣି ଥିଲା, ସେଥିରେ ୧୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରୁ ଖଣିଜ ପଦାର୍ଥ ଥିଲା । ବିକ୍ରି ସମୟରେ କମ୍ପାନୀ ପାଖରେ ୧୧୭ ନିୟୁତ୍ ଟନ୍ ଖଣିଜ ପଦାର୍ଥ ମହଜୁଦ୍ ଥିଲା । କିନ୍ତୁ ସମ୍ବେଦନଶୀଳ କଥା ହେଉଛି, ବିକ୍ରି ବେଳେ ଏ ସବୁ କଥାକୁ ଚପାଇ ଦିଆଯାଇଥିଲା । ଲଣ୍ଡନର ମେଟାଲ୍ ଏକ୍ସଚେ ୧୧୭ ନିୟୁତ୍ ଟନ୍ ଖଣିଜ ପଦାର୍ଥର ମୂଲ୍ୟ ୬୦ ହଜାର କୋଟି ହେବ ବୋଲି କହିଥିଲା । ବିକ୍ରି ପରେ ଏକଥା ଜଣାପଡ଼ିଥିଲା ଓ ୨୦୧୩ରେ ଏହି ଘଟଣା ଉପରେ ସି.ବି.ଆଇ ତଦନ୍ତ ଆରମ୍ଭ କରିଥିଲା । ବିକ୍ରିରେ ଅନୀୟମିତତାକୁ ନେଇ ବିଭିନ୍ନ ସ୍ତରରେ ଅଭିଯୋଗ ଉଠିଲା । ସି.ବି.ଆଇ ତଦନ୍ତ ଆରମ୍ଭ କରି ଯେତେବେଳେ ମୂଲ୍ୟାଙ୍କନ କଲା, ସେତେବେଳେ ହିନ୍ଦୁସ୍ଥାନ ଜିଙ୍କ୍‌ର ସମୁଦାୟ ସମ୍ପତ୍ତି (ବିକ୍ରି ପୂର୍ବର) ୧ ଲକ୍ଷ କୋଟିରୁ ଅଧିକ ହେବ ବୋଲି ଜଣାପଡ଼ିଲା । ସି.ବି.ଆଇ. ତଦନ୍ତରୁ ଜଣାପଡ଼ିଥିଲା ଯେ, ବିନିବେଶ ମନ୍ତ୍ରଣାଳୟ ବିକ୍ରି ପୂର୍ବରୁ ହିନ୍ଦୁସ୍ଥାନ ଜିଙ୍କ୍‌ର ମୂଲ୍ୟାଙ୍କନ ଦାୟିତ୍ୱ ଏକ ଘରୋଇ କମ୍ପାନୀକୁ ଦେଇଥିଲେ ଓ ସମ୍ପୃକ୍ତ ଘରୋଇ କମ୍ପାନୀ ମୂଲ୍ୟକୁ କମ୍ ଆକଳନ କରିଥିଲେ । ଏହାର ସ୍ପଷ୍ଟ ଅର୍ଥ ହେଉଛି, ଘରୋଇ ମୂଲ୍ୟାଙ୍କନ କମ୍ପାନୀ ଷ୍ଟେରଲାଇଟ୍ କମ୍ପାନୀକୁ ଫାଇଦା ଦେବାପାଇଁ ଭୁଲ୍ ମୂଲ୍ୟାଙ୍କନ କରିଥିଲା । ସି.ବି.ଆଇ. ର ଜୋଦପୁର ଶାଖା ତିନିମାସ ଧରି ତଦ’ କରି ୨୦୧୩ ଡିସେମ୍ବର ମାସରେ ଏ ବାବଦରେ ରିପୋର୍ଟ ପ୍ରଦାନ କରିଥିଲେ ।

୨୦୧୪ରେ କେନ୍ଦ୍ରରେ ମୋଦି ସରକାର ଆସିବା ପରେ ହିନ୍ଦୁସ୍ଥାନ ଜିଙ୍କ୍ ବାବଦରେ ସି.ବି.ଆଇର ତଦନ୍ତକୁ ବନ୍ଦ କରିଦେଇଥିଲେ । କିନ୍ତୁ ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଯାଇଥିଲା ଓ ମାନ୍ୟବର କୋର୍ଟ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ । ୨୦୨୧ ମସିହା ନଭେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ତଥା ବର୍ତ୍ତମାନର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ ସିବିଆଇର କ୍ଲୋଜର ରିପୋର୍ଟ (ତଦନ୍ତ ବନ୍ଦ କରାଯିବା ସମ୍ପର୍କିତ ଆବେଦନ) ଉପରେ କ୍ଷୋଭ ପ୍ରକାଶ କରିଥିଲେ । ମାନ୍ୟବର ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ ପ୍ରଶ୍ନ କରିଥିଲେ ଯେ, ହିନ୍ଦୁସ୍ଥାନ ଜିଙ୍କ୍‌ର ବିକ୍ରିରେ ଆର୍ଥିକ ଅନୀୟମିତତା ଥିବାବେଳେ ସି.ବି.ଆଇ. କେଉଁ ଆଧାରରେ ତଦନ୍ତ ବନ୍ଦ କରିବା ପାଇଁ ଆବେଦନ କରୁଛି । ଅଧିକ ମଜାଦାର କଥା ହେଉଛି, କେନ୍ଦ୍ର ସରକାର ସି.ବି.ଆଇ ମୁଣ୍ଡରେ ଅଧିକ ଦୋଷ ଲଦିଦେଇ କୋର୍ଟଙ୍କ ନିକଟରେ ଜବାବ ଦାଖଲ କଲେ । ୨୦୨୨ ଫେବୃୟାରୀରେ ମାନ୍ୟବର କୋର୍ଟ ସି.ବି.ଆଇ.କୁ ଭର୍ତ୍ସନା କରିଥିଲେ । କାରଣ ସରକାର ତାଙ୍କ ଜବାବରେ କହିଥିଲେ ଯେ, ବିକ୍ରି ହୋଇଥିବା ହିନ୍ଦୁସ୍ଥାନ ଜିଙ୍କ୍ ବାବଦରେ ସି.ବି.ଆଇ କୋର୍ଟଙ୍କ ଭୁଲ୍ ତଥ୍ୟ ପ୍ରଦାନ କରିଛି ।

ଏବେ ହିନ୍ଦୁସ୍ଥାନ ଜିଙ୍କ୍ ମାମଲା ସୁପ୍ରିମକୋର୍ଟରେ ବିଚାରାଧିନ । କୋର୍ଟ କ’ଣ ନିଷ୍ପତ୍ତି ନେବେ ତା’ ତ ଅଲଗା କଥା । କିନ୍ତୁ ଅନୀଲ୍ ଅଗ୍ରୱାଲ୍‌ଙ୍କ ସମ୍ପର୍କରେ ଅନେକ କଥା ଜଣାପଡ଼ିବ ଓ ପୁଣି ଜଣେ ଠକ ଶିଳ୍ପପତିଙ୍କୁ ଦେଶବାସୀ ଜାଣିପାରିବେ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ, ଦେଶରେ ବୁଝିଛି ଠିକ୍ ଚାଲିନାହିଁ । ସରକାର ଶିଳ୍ପପତିମାନଙ୍କୁ ଫାଇଦା ଦେବାପାଇଁ ସରକାରୀ କମ୍ପାନୀକୁ ଶାଗମାଛ ମୂଲ୍ୟରେ ବିକିବାକୁ ଲାଗିଛନ୍ତି ।


♥ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪





## ଚାଲରେ ଓଡ଼ିଆ ଚାଲ

### ତପସ୍ୱିନୀ ବେହେରା



ପ୍ରତିଦିନ କିଛି ଗଛ ଲଗାଇବା
ପ୍ରଦୂଷଣ ମୁକ୍ତ ଦେଶ କରିବା
ଚାଲରେ ଓଡ଼ିଆ ଚାଲ ।

ଛୁଆ ବୁଢ଼ାବୁଢ଼ୀ ସଭିଏଁ ପଢିବା
ସମ୍ପୂର୍ଣ୍ଣ ସ୍ୱାକ୍ଷର ଦେଶ ଗଢ଼ିବା
ଚାଲରେ ଓଡ଼ିଆ ଚାଲ ।

ନିଶା ନିବାରଣ ଆମେ କରିବା
ନିଶା ମୁକ୍ତ ଦେଶ କରି ଦେଖାଇବା
ଚାଲରେ ଓଡ଼ିଆ ଚାଲ ।

ଶିଶୁ ଶ୍ରମିକ ନାରୀ ନିର୍ଯ୍ୟାତନା
ଏ ଦେଶରୁ ହଟାଇଦେବା
ଚାଲରେ ଓଡ଼ିଆ ଚାଲ ।

ଆଧୁନିକ ପ୍ରଣାଳୀ ଜମା ଯନ୍ତ୍ରପାତିରେ
କୃଷିକୁ ଆଗେଇନେବା
ଚାଲରେ ଓଡ଼ିଆ ଚାଲ ।

ଭଲ କାମ କିଛି ନିତି କରିଯିବା
ଦେଶ ବିଦେଶରେ ନାମ କରିବା
ଚାଲରେ ଓଡ଼ିଆ ଚାଲ ।


♥ ଝାରସୁଗୁଡ଼ା


## ମଲ୍ଲିକା ମୋ ନେପଥ୍ୟ ନାୟିକା

### ସୁବ୍ରତ କୁମାର ଜେନା



ମଲ୍ଲିକା କାହା ପାଇଁ କଣ ମୁଁ ଜାଣେନା,
ତଥାପି କାହିଁକି କେଜାଣି
ଆଜିବି ମୁଁ ତା ବାଟକୁ ଜଗି ବସୁଛି,
ସେ ଆସେ ବେଳେ ବେଳେ
ଜହ୍ନ ରାତିର ଝାପ୍ସାୟିତ ଆଲୋକ ରୋଷଣୀରେ
କେବେ ପୁଣି ଅମବାସ୍ୟାର କିଟି ମିଟି ତନ୍ଦ୍ରାରେ
ମଲ୍ଲିକାର ଗଜରାର ବାସ୍ନା ବିମୋହିତ କରେ ଅଧଫୁଟା
ଗୋଲାପ ପାଖୁଡା ପରି,
ମତେ ଲାଗେ ମଲ୍ଲିକା ଗୀତ ଗାଉଛି
ଆଉ ତା ସହ ପବନ ମିଶାଉଛି ଝଙ୍କାର ।

ଆମ ଗାଁ ରେ ଯେବେ ସଂଜ ନଇଁ ଆସେ
ତାରା ମାନେ ମିଟି ମିଟି କରି ହସନ୍ତି
ମୁଁ ମୋ ଭାବନାର ପସରାକୁ ଖୋଲି ବସେ
ମୁଁ ଜାଣେ ମଲ୍ଲିକା ଆସିବ
ମୋ ସହ ମିଶି ଖୋଲି ବସିବ କାହାଣୀ ପସରା
ସେତେ ବେଳକୁ ହୁଏତ ଶୋଇ ଅସୁଥିବ ରାତି
ଅଧା ନିଦରେ ଘୁଙ୍ଗୁଡ଼ି ନେଉଥିବେ ଚାରିଦିଗ
ମୁଁ କିନ୍ତୁ ସେମିତି ଏକ ଲୟରେ ଚାହିଁ ଶୁଣୁଥିବି
ମଲ୍ଲିକାର କଥାକୁ
ଏମିତିରେ କେତେବେଳେ ଯେ
ରାତି ପହିବା ପାହିବା ହେଉଥିବ
ଏ କଥା ଆଦୌ ଜଣା ପଡିବନି ।

ମଲ୍ଲିକା ନଖ ଧାରେ ଚିତ୍ର ଆଂକେ,
ସେତ ଚୁଲୁବୁଲି ନାୟିକା ପରି ହସି ହସାଏ
ଯେତେ ଦୁଃଖ ଥାଉ ପଛେ
ମଲ୍ଲିକା ଆସିଲେ ମୋ ମନ ଉପବନ ମହକିତ ହୁଏ
ମଲ୍ଲିକା ମୂର୍ଚ୍ଛନା ତୋଳେ ମେଘ ମଲ୍‌ହାର
ସୁରେ ସୁରେ
ହଠାତ ମୋ ଭାବନାର ଅନ୍ତ ହୁଏ
ଦେଖେ ସବୁ କିଛି ସାମାନ୍ୟ ଯେମିତି ଆଗରୁ
ଖାଲି ମୁଁ ଯାହା ହଜିଯାଇଥିଲି
ଅଜଣା ଭାବନା ରାଜ୍ୟରେ
ମୋ ମନର ନେପଥ୍ୟ ନାୟିକା ମଲ୍ଲିକା ଲାଗି ।


♥ ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


## ପ୍ରେମ ବିରହର କଥା

### ଜିତୁ ପ୍ରଧାନ



ସେଦିନ
ତମେ ଆସି ଫେରିଗଲ ....।

କେତେ ଚାହିଁ ଥିଲା
ମୋର ଏଇ ଉଦବିଗ୍ନ ଆଖି ଯୋଡ଼ାକ
ଶିଉଳି ରଙ୍ଗର ଶାଢ଼ୀରେ
ତୁମକୁ ଥରେ ଦେଖିବ !
ପାଟଳ ରଙ୍ଗର ଦୁଃଖକୁ
ଭୁଲେଇଦବ ତାର ଛାତି ତଳେ
ଓଜାଡି ଦେବ କୁଢ଼ କୁଢ଼ ଭଲପାଇବା
ଭିଜେଇ ଦବ ଓଦା ଓଦା ପ୍ରେମ
ବାସ୍ନାରେ ।

ତମେ ଗଲ ଯେ ଗଲ
ନା କେବେ ଥରେ ଫେରିଆସିଲ
ମୋ ଚାହିଁ ରହିବା ବାଟକୁ

ମୋ ଖୋଲା ଖୋଲା ଏଇ ଦୁଇ
ପାପୁଲିକୁ
ପଚାରି ଦେଖିବ
ଆଞ୍ଜୁଳା ଆଞ୍ଜୁଳା ଲୁହରେ କେମିତି
ଭସେଇଛି
ଅଧା ଲେଖା ଚିଠିର କାଗଜ ଡଙ୍ଗା
କେମିତି ଝରକା ଫାଙ୍କେ ଫାଙ୍କେ
ଛାଇ ଛଟା ଆଲୁଅରେ ଗାରେଇ
ଦେଇଛି
ତମ ମୁହଁର ଛବିକୁ ।

କଣ ପାଇଲି ଭଲ ପାଇ ?
ମୁଠାଏ ଛଳନା ମେଞ୍ଚାଏ ପ୍ରତାରଣା
ଆଉ କେବେ ନ ହସିବାର
ଗୋଟେ ସର୍ତ୍ତ ସାରା ଜୀବନ ପାଇଁ ।

ତମେ ଭୁଲିବାକୁ କହିଲ ।
ନିଜକୁ ଭୁଲି ଗଲି
ତମକୁ ଭୁଲିବା ଆଗରୁ ।


♥ ନୟାଗଡ
ମୋ - ୭୬୮୧୦୪୮୬୪

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ




ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ ।

ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୂର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି । ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଡ଼ିମେଡ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ ।

ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ । ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି । ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

## ବିଜ୍ଞାନର କମାଲ

# ବ୍ରେନ ସ୍କାନ ମାଧ୍ୟମରେ ମଣିଷର ଡିପ୍ରେସନକୁ ଦେଖିହେବ ଓ ଏହାକୁ ଚିକିତ୍ସା କରିହେବ



ମଣିଷ ଈଶ୍ୱରଙ୍କ ସୃଷ୍ଟିରେ ଏକ ବିଚିତ୍ର ଜୀବ । ଦିନକୁ ଦିନ ବିଜ୍ଞାନ ବିକାଶ ଲାଭ କରିବା ସହିତ ମଣିଷକୁ ନେଇ ବିଭିନ୍ନ ପ୍ରକାରର ଗବେଷଣାତ୍ମକ ତଥ୍ୟ ମଧ ସାମ୍ନାକୁ ଆସିଛି । ତେଣୁ ମଣିଷର ବ୍ରେନ ଉପରେ ବୈଜ୍ଞାନିକମାନେ ସ୍ୱତନ୍ତ୍ର ଭାବେ ଅଧ୍ୟୟନ କରିଥାନ୍ତି । ନିକଟରେ ବୈଜ୍ଞାନିକମାନେ ଏକ ନୂଆ ସଫଳତା ହାସଲ କରିଛନ୍ତି । ସ୍କାନ ମାଧମରେ ମଣିଷର ବ୍ରେନର ଡିପ୍ରେସନକୁ ଦେଖିହେବ । ଏଥିସହିତ ଏହାକୁ ଚିକିତ୍ସା ମଧ କରିହେବ ବୋଲି ନୂଆ ରିସର୍ଚ୍ଚରୁ ଜଣାପଡ଼ିଛି ।

ସାଧାରଣ ଭାବେ ଡିପ୍ରେସନ ହେଉଛି ଏକ ଭୟଙ୍କର ଅସୁସ୍ଥତା । ଏହାଦ୍ୱାରା ଜଣେ ବ୍ୟକ୍ତି ଖରାପ ଅନୁଭବ କରିବା ସହିତ ଏହା ପ୍ରାଥମିକ ଭାବେ ମାନସିକ ଅଶାନ୍ତିର କାରଣ ସାଜିଥାଏ । ମଣିଷର ମାନସିକ ଅସୁସ୍ଥତାକୁ ନେଇ ଅନେକ ସମୟରେ ବିଶେଷଜ୍ଞମାନେ ମଧ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ଯେତେବେଳେ ଜଣେ ମାନସିକ ଭାବେ ସଠିକ୍ ସ୍ଥିତିରେ ନଥାଏ, ତା'ର ଶରୀର ମଧରେ କ'ଣ ଚାଲିଥାଏ ତାହା ସେ ଜାଣିବାକୁ ଅକ୍ଷମ ଥାଏ ।

ନିକଟରେ ଟେକ୍ସାସ ସ୍ଥିତ ହୌଷ୍ଟନର ବେଲର କଲେଜ ଅଫ୍ ମେଡିସିନ ପକ୍ଷରୁ ଏକ ରିସର୍ଚ୍ଚ କରାଯାଇଛି । ମସ୍ତିଷ୍କର କାର୍ଯ୍ୟକଳାପକୁ ଅନୁସରଣ କରି ମଣିଷର ଭାବପ୍ରବଣତା ସ୍ଥିତି ବିଷୟରେ ଜାଣିବା ପାଇଁ ଗବେଷକମାନେ 'ମୁଡ୍ ଡେଭଲପର' ବିକଶିତ କରିଛନ୍ତି । ମଣିଷର ବ୍ରେନରେ ମୁଡକୁ ଡିକୋଡିଂ କରିବା ହେଉଛି ପ୍ରଥମ ଘଟଣା । ଏଥିସହିତ ରିସର୍ଚ୍ଚକାରୀମାନେ ଜଣେ ରୋଗୀର ବ୍ରେନରେ କିପରି ପଜିଟିଭ୍ ମୁଡକୁ ଉତ୍ସାହିତ କରାଯିବ ସେ କ୍ଷେତ୍ରରେ ମଧ ସଫଳତା ହାସଲ କରିଛନ୍ତି ।

# ସାପମାନେ ବି କରିଥାନ୍ତି 'ସୁଇସାଇଡ୍'



ଆମ ପୃଥିବୀ ପୃଷ୍ଠରେ ଅନେକ ପ୍ରକାରର ଜୀବଜନ୍ତୁ, ସରିସୃପ, ବୃକ୍ଷଲତା ରହିଛନ୍ତି । ତେବେ ଅନେକ ସମୟରେ ବୃକ୍ଷଲତା ଓ ସରିସୃପଙ୍କୁ ନେଇ ନୂଆ ନୂଆ ରିସର୍ଚ୍ଚ ତଥ୍ୟ ସାମ୍ନାକୁ ଆସିଥାଏ । ତେବେ ଆପଣମାନେ ଜାଣନ୍ତି ସାପମାନେ ମଧ ସୁଇସାଇଡ୍ କରିଥାନ୍ତି । ଅନେକ ଲୋକ ଏନେଇ ଅଜ୍ଞାତ ଥାଆନ୍ତି । ତେବେ ଏକଥା ସତ ବୋଲି ରିସର୍ଚ୍ଚ ରିପୋର୍ଟରୁ ଖୁଲାସା ହୋଇଛି । ସାଧାରଣ ଭାବେ ମଣିଷମାନେ ଅନେକ ସମୟରେ କଠିନ ପରିସ୍ଥିତିକୁ ସାମ୍ନା କରି ନପାରି ଆତ୍ମହତ୍ୟା କରିଥାନ୍ତି । ଅନୁରୂପ ଭାବେ ସାପମାନେ ମଧ ଆତ୍ମହତ୍ୟା କରୁଥିବାର ନେଇ ଅତୀତରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଥିଲା । ତେବେ ଏହି ଖବରକୁ ନେଇ ପ୍ରଥମେ ଗବେଷକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ । ଗୋଟିଏ ବିଷାକ୍ତ ସାପ ଆତ୍ମହତ୍ୟା କରିଥିବା ନେଇ ଅଷ୍ଟ୍ରେଲିଆର ରିସର୍ଚ୍ଚରମାନେ ସ୍ପଷ୍ଟ ହୋଇଥିଲେ । ତେବେ ଜଣାପଡ଼ିଥିଲା ଯେ, ଆତ୍ମହତ୍ୟା କରିଥିବା ବିଷାକ୍ତ ସାପର ନାମ ହେଉଛି ବ୍ରି ବ୍ରାଉନ । ତାହା ସାଧାରଣ ଭାବେ ଅଷ୍ଟ୍ରେଲିଆରେ ଦେଖାଯାଇଥାଏ । କେର୍ନସ ସହରରେ ରହୁଥିବା ମୈଟ ହେଗନ ନାମକ ଜଣେ ସାପ ଧରାଳି ଏହି ଘଟଣାକୁ ଦେଖିଥିଲେ । ହେଗନ ଏକ ୱେବସାଇଟରେ ଏହା ଉଲ୍ଲେଖ କରିଥିଲେ ଯେ, ଜଣେ ମହିଳାଙ୍କ ଘର ବାହାରେ ଏକ ବ୍ରି ବ୍ରାଉନ ସାପ ଥିବା ସେ ଖବର ପାଇଥିଲେ । ମାତ୍ର ମହିଳାଙ୍କ ସୂଚନା ମୁତାବକ ସାପଟି ଦୁଇ ଘଣ୍ଟା ଧରି ଗୋଟିଏ ସ୍ଥାନରେ ପଡ଼ି ରହିଥିଲା । ସେ ସାପଟି ପାଖକୁ ଯାଇ ଦେଖିଲେ ଯେ, ସାପଟି ନିଜ ପାଟିରେ ବେକକୁ ଦବାଇ ଦେଇଥିଲା । ଫଳରେ ତା'ର ମୃତ୍ୟୁ ଘଟିଥିଲା । ସାପଟି ଏଭଳି ଅବସ୍ଥାରେ ମୃତ୍ୟୁବରଣ କରିବା ହେଗନଙ୍କୁ ସନ୍ଦେହରେ ପକାଇ ଦେଇଥିଲା । ତେଣୁ ସେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସାପଟିକୁ ପରୀକ୍ଷାଗାରକୁ ନେଇ ପରୀକ୍ଷା କରାଇଥିଲେ । ସାପଟିର ବିଷ ନିଜ ଶରୀରରେ ପହଞ୍ଚିବା ଦ୍ୱାରା ତା'ର ମୃତ୍ୟୁ ହୋଇଥିବା ପରୀକ୍ଷଣରୁ ସ୍ପଷ୍ଟ ହୋଇଥିଲା ।

# ନୂଆ ଜୋତା ଡବାରେ କାହିଁକି ଥାଏ ଛୋଟ ଧଳା ପୁଡିଆ: ଜାଣନ୍ତୁ କାରଣ

ଘରକୁ ଯେତେବେଳେ କିଛି ନୂଆ ଇଲେକଟ୍ରୋନିକ ଆଇଟମ କିମ୍ବା ବ୍ୟାଗ ଜୋତା କିଣା ହୋଇ ଆସିଥାଏ ସେଥିରେ ଏକ ଧଳା ଛୋଟ ପ୍ୟାକେଟ ଦେଖିବାକୁ ମିଳିଥାଏ । ଏହାକୁ ଦେଖି ଆମେ ଭାବି ଥାଉ ହଁ ଏମିତି କିଛି କାରଣ ପାଇଁ ଏଥିରେ ଅଛି । ହେଲେ ଏହି ପ୍ୟାକେଟ ଏକ ଜରୁରୀ ଉଦ୍ଦେଶ୍ୟ ନେଇ ନୂଆ ଜିନିଷରେ ଦିଆଯାଇଥାଏ । ଆପଣ ଜାଣିଛନ୍ତି କି ଏହା ପଛରେ ଥିବା କାରଣ କଣ ? ଯଦି ଆପଣ କେବେ ଏହି ପ୍ୟକେଟକୁ ହାତରେ ସ୍ପର୍ଶ କରିଥିବେ ଲାଗେ ଏଥିରେ ଯେମିତି ଛୋଟ ଛୋଟ ମାଳି ଅଛି । ତେବେ ତାହା ହେଉଛି ଛୋଟ ଛୋଟ ମୋତି ପରି ସିଲିକା ଜେଲ । ବାୟୁରେ ଥିବା ଓଦାପଣକୁ ଟାଣିବାର କ୍ଷମତା ରଖିଥାଏ ସିଲିକା ଜେଲ । ଏହି କ୍ଷମତା ପାଇଁ ନୂଆ ପ୍ରଡକ୍ଟ ଖୋଳରେ ଏହାକୁ ଦିଆଯାଇଥାଏ । ତେବେ ଏହା ପଛରେ କଣ ରହିଛି କାରଣ ? କହିବାକୁ ଗଲେ ଜୋତା ତିଆରି ଠାରୁ ଆରମ୍ଭ କରି ଷ୍ଟୋରରେ ରଖିବା ଏବଂ ବିକ୍ରି ହେବା ପର୍ଯ୍ୟନ୍ତ ତାହା ଗୋଟେ ଡବା ଭିତରେ ବନ୍ଦ ହୋଇ ରହିଥାଏ । ତେବେ ଏତେ ସମୟ ଧରି ଯଦି ଗୋଟେ ବନ୍ଦ ଡବାରେ ଜିନିଷ ରୁହେ ଏବଂ ବାୟୁରେ ଥିବା ଓଦା କରଣରୁ ଖରାପ ହୋଇଯାଏ । କାରଣ ଓଦାପଣ ପାଇଁ ବ୍ୟାକ୍ଟେରିଆ ଲାଗିଯାଆନ୍ତି । ଫଳରେ ଜିନିଷ ବା ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଏପରି ହେବା ଦ୍ୱାରା ପ୍ରଡକ୍ଟ ଖରାପ ହୋଇପାରେ ଯାହାଫଳରେ ଦୋକାନୀଙ୍କୁ ଏହାର କ୍ଷତି ସହିବାକୁ ପଡିବ । ସିଲିକାଜେଲ ଏହି କାରଣ ପାଇଁ ନୂଆ ପ୍ୟାକେଟରେ ଦିଆଯାଏ ।




# ଶାରୀରିକ ସମ୍ପର୍କ ଦ୍ୱାରା ରକ୍ତଚାପ, ହାର୍ଟ ଆଟାକ ଓ ହୃଦରୋଗ ହ୍ରାସ ପାଇବ, ଆୟୁଷ ବଢ଼ିବ, ମନୋବଳ ଦୃଢ଼ ହେବ: ରିସର୍ଚ୍ଚ



ମଣିଷ ଜନ୍ମ ନେଇଛି, ଦିନେ ନା ଦିନେ ନିଶ୍ଚିତ ମୃତ୍ୟୁବରଣ କରିବ । ମଣିଷ ଜନ୍ମ ପରେ କିଛି ବର୍ଷ ଅତିକ୍ରାନ୍ତ ହୋଇ ବୃଦ୍ଧାବସ୍ଥାରେ ପହଞ୍ଚିଥାଏ । ମଣିଷର ବୟସ ଉପରେ ଉପରେ କାହାର ନିୟନ୍ତ୍ରଣ ନଥାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି, ଉପଯୁକ୍ତ ଖାଦ୍ୟପେୟ, ବ୍ୟାୟାମ ଆଦି ନିୟମିତ କରିବା ଦ୍ୱାରା ଆପଣଙ୍କ ବୟସ କିଛି ବର୍ଷ ବୃଦ୍ଧି ଘଟିପାରେ । ତେବେ ଶାରୀରିକ ସମ୍ପର୍କ ଦ୍ୱାରା ମଣିଷର ବୟସ ମଧ ବୃଦ୍ଧି ହୋଇପାରିବ ବୋଲି ନିକଟରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ବିଶେଷଜ୍ଞଙ୍କ ମତରେ ଶାରୀରିକ ସମ୍ପର୍କ ଦ୍ୱାରା ଅନେକ ଗୁରୁତର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମିଥାଏ । ଏହା ଶାରୀରିକ ସନ୍ତୁଷ୍ଟି ପ୍ରଦାନ କରିବା ସହ ମଣିଷର ମନୋବଳକୁ ଦୃଢ଼ କରିଥାଏ । ଏହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ରକ୍ତଚାପ, ହୃଦରୋଗ ଆଦିରୁ ରକ୍ଷା ମିଳିଥାଏ ।

ଶାରୀରିକ ସମ୍ପର୍କ ଦ୍ୱାରା ହାର୍ଟ ଆଟାକ ଆସିବା ପରେ ବଞ୍ଚିବାର ସମ୍ଭାବନା ବଢ଼ି ଯାଇଥାଏ । ପ୍ରତି ସପ୍ତାହରେ ଅଧିକ ଥର ଶାରୀରିକ ସମ୍ପର୍କ ସ୍ଥାପନ କରୁଥିବା ଲୋକଙ୍କୁ ଅନ୍ୟମାନଙ୍କ ଅପେକ୍ଷା ହୃଦଘାତ ହେବାର କମ୍ ଆଶଙ୍କା ରହିଥାଏ ।

ଶାରୀରିକ ସମ୍ପର୍କ ରକ୍ଷା କରିବା ଦ୍ୱାରା ମଣିଷ ଦୀର୍ଘାୟୁ ହେବାର ସମ୍ଭାବନା ବଢ଼ିଥାଏ । ଏହା ଉପରେ ବହୁ ପୂର୍ବରୁ ଗବେଷଣା କରାଯାଇ ଏହା ପ୍ରମାଣିତ ହୋଇସାରିଛି । ଯେଉଁ ପୁରୁଷମାନେ କମ ଶାରୀରିକ ସମ୍ପର୍କ ସ୍ଥାପନ କରନ୍ତି, ସେମାନେ ବେଶୀ ମାତ୍ରାରେ ହୃଦରୋଗ ସହ ଇରେକ୍ଟାଇଲ ଡିସଫଙ୍କସନରେ ଆକ୍ରାନ୍ତ ହୋଇଥାନ୍ତି ବୋଲି କୁହାଯାଉଛି ।

# ଶୀତଦିନରେ ସେବନ କରନ୍ତୁ ନାହିଁ ଏହି ୪ଟି ଖାଦ୍ୟ; ନଚେତ ହୋଇପାରେ ହୃଦଘାତ ଆଶଙ୍କା

**ପ୍ରତ୍ୟେକ ବ୍ୟକ୍ତିର ରୋଗପ୍ରତିରୋଧକ ଶକ୍ତି ବେଳେ ବେଳେ ଦୁର୍ବଳ ହୋଇଯାଏ । ଫଳରେ ଅତି ସହଜରେ ବିଭିନ୍ନ ପ୍ରକାର ଶରୀରରେ ପ୍ରବେଶ କରିଥାଏ । ତେଣୁ ଏହି ମୌସୁମୀ ପରିବର୍ତ୍ତନରେ ଆପଣମାନେ ନିଜ ଖାଦ୍ୟପେୟ ପ୍ରତି ଅଧିକ ଯତ୍ନବାନ ହେବା ସହ ଶରୀର ପ୍ରତି ଧ୍ୟାନ ରଖିବା ଆବଶ୍ୟକ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏହି ଶୀତଋତୁରେ ଏପରି କିଛି ଖାଦ୍ୟ ଅଛି ଯାହାକୁ ସେବନ କରିବା ଅନୁଚିତ୍ । ଆପଣମାନେ ଯଦି ସେହି ଖାଦ୍ୟ ସେବନ କରନ୍ତି ତେବେ ହୃଦଘାତ ପରି ସମସ୍ୟା ଉପୁଜିବାର ଅନେକ ସମ୍ଭାବନା ରହିଛି । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ୪ଟି ଖାଦ୍ୟ ବିଷୟରେ...**



■ ରେଡମିଟ୍ (ଲାଲମାଂସ): ଲାଲ ମାଂସ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ । କାରଣ ଏଥିରେ ପ୍ରଚର ପିମାଣର ସେଚୁରେଟ୍ ଫ୍ୟାଟ ଏବଂ କୋଲେଷ୍ଟ୍ରଲ ରହିଥାଏ, ଯାହାକି ହୃଦଘାତ ପରି ସମସ୍ୟା ସୃଷ୍ଟି କରେ । ତେଣୁ ଶୀତଦିନେ ରେଡ୍ ମିଟ ସେବନ କରିବା ଉଚିତ ନୁହେଁ ।

■ ଫାଷ୍ଟ ଫୁଡ: ଆପଣମାନେ ଫାଷ୍ଟ ଫୁଡ ସେବନ ଠାରୁ ଦୂରେଇ ରହିବା ଆବଶ୍ୟକ । କାରଣ ଶୀତଦିନରେ ଶରୀରରୁ କମ ଝାଳ ନିର୍ଗତ ହୁଏ ଏବଂ ଶରୀର ଅଳଶୁଆ ଲାଗିଥାଏ । ଫଳରେ ଆମ ଖାଦ୍ୟ ଶୀଘ୍ର ହଜମ ହୋଇନଥାଏ । ଏପରି ସ୍ଥିତିରେ ତେଲ ମସଲା ଜାତିୟ ଖାଦ୍ୟ କିମ୍ବା ଫାଷ୍ଟ ଫୁଡ ସେବନ କଲେ ଏହା ଶୀରରେ କୋଲେଷ୍ଟଲର ମାତ୍ରାକୁ ବଢାଇ ଦେଇଥାଏ । ଫଳରେ ଏହାକୁ ସେବନ କରିବା ଦ୍ୱାରା ମେଦବହୁଳତା ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଏପରି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ।

■ ତେଲ ଜାତିୟ ଖାଦ୍ୟ: ଅନେକ ଲୋକ ତେଲ ଜାତିୟ ଖାଦ୍ୟ ଅର୍ଥାତ୍ ଛଣାଛଣି ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏପରି ଖାଦ୍ୟ ଖାଇବା ଶରୀର ପ୍ରତି ବିପଦ ଆମିପାରେ । କାରଣ ଏହି ତେଲ ଜାତିୟ ଖାଦ୍ୟ ଶୀରୀରରେ କୋଲେଷ୍ଟ୍ରଲର ମାତ୍ରାକୁ ବଢାଇବାରେ ସାହାଯ୍ୟ କରେ । ଫଳରେ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଇଥାଏ । ତେଣୁ ଏହିପରି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ।

■ ମିଠା ଜାତିୟ ଖାଦ୍ୟ: ମିଠା ଜାତିୟ ଖାଦ୍ୟ ଯେପରି ଚାହା, କଫି ଚକୋଲେଟ୍, ପେଷ୍ଟ୍ରୀ ଆଦି ଖାଦ୍ୟ ଖାଇବାକୁ ଅନେକ ଲୋକେ ପସନ୍ଦ କରୁଥିବା ବେଳେ ଏହା ଶୀରରେ କୋଲେଷ୍ଟ୍ରଲ ମାତ୍ରା ବୃଦ୍ଧି କରିବାରେ ସାହାଯ୍ୟକରେ ଫଳରେ ହୃଦଘାତ ହେବାର ଅନେକ ସମ୍ଭାବନା ଥାଏ । ତେଣୁ ମିଠାଜାତିୟ ଖାଦ୍ୟଠାରୁ ଦୂରେଇ ରହିବା ଆବଶ୍ୟକ ।

## ସାଗରପଡାରେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗୀର, ୪/୦୪ (ନି.ପ୍ର): ନାବାଳିକାଙ୍କ ସନ୍ଦେହ ଜଣକ ମୃତ୍ୟୁ। ଘଟଣା ଘଟିଛି ବାଲାଙ୍ଗୀର ସହର ସାଗରପଡାରେ। ସୁରେଶ ନାଗଙ୍କ ଚଉଦ ବର୍ଷୀୟ ଝିଅ ଲିଜା ନାଗଙ୍କ ଝୁଲନ୍ତା ଶବ ଉଦ୍ଧର କରିଛି ପୋଲିସ। ଆଜି ବାପା ମା' କାମ କରିବା ପାଇଁ ବାହାରକୁ ଯାଇଥିଲେ। ଦୁଇ ବଡ ଝିଅ ପାଠ ପଢିବା ପାଇଁ ସ୍କୁଲକୁ ଯାଇ ଥିଲେ। କିନ୍ତୁ ସାନ ଝିଅ ଆଜି ସ୍କୁଲ ଯାଇନଥିଲା। ବାପା ମା' କାମ କରି ଘରକୁ ଫେରିବକ୍ଷ ବେଳେ କଠୋରୀରେ ଝିଅ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ଛାତର ଲୁହା ରିଲିଙ୍ଗରେ ଓଢଣୀ ଦେଇ ଝିଅ ଝୁଲୁଥିବା ଦେଖିଥିଲେ। ଏନେଇ ଖବର ପାଇବା ପରେ ଟାଉନ ପୋଲିସ ଘଟନସ୍ଥଳକୁ ପହଂଚି ଶବକୁ ଉଦ୍ଧର କରିଥିଲା। ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇ ଅଧିକ ତଦନ୍ତ ଜାରୀ ରଖିଛି। କାଠରୀର କବାଟ ଖୋଲା ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡୁନାହିଁ। ହତ୍ୟା ପରେ କେହି ଆତ୍ମହତ୍ୟା ରୂପ ଦେଇଛି କି? ଯଦି ଆତ୍ମହତ୍ୟା ତେବେ କାରଣ କଣ? ଏନେଇ ସନ୍ଦେହ ଜାରୀ ରହିଛି । ପରିବାର ଲୋକେ କେହି ମୁହଁ ଖୋଲୁନାହାନ୍ତି।

## ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦାବିପତ୍ର ପ୍ରଦାନ



ଭଦ୍ରକ, ୪/୦୪ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଦାବି ନେଇ ଆଜି ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ଖୋଦ୍ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏବଂ ମଞ୍ଚର ଉପଦେଷ୍ଟା ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯିବା, ଖାଲିଥିବା ଅଧ୍ୟାପକ ପଦ ପୂରଣ ସହିତ ଖାଲି ପଡ଼ିଥିବା ସମସ୍ତ କର୍ମଚାରୀ ପଦ ପୂରଣ, ମହାବିଦ୍ୟାଳୟ ପରିସରରେ ଥିବା ନିୟୁ ଲେଡ଼ିଜ ହଷ୍ଟେଲ ପାଖରେ ରହିଥିବା କିଛି ଘରୋଇ ଜମିକୁ ସରକାର ଅଧିଗ୍ରହଣ କରି ମହାବିଦ୍ୟାଳୟକୁ ନେବାରେ ବ୍ୟବସ୍ଥା କରିବା, କଲେଜ ପରିସରରେ ଏକ ଆଦର୍ଶ ଅଡିଟୋରିୟମ୍ ନିର୍ମାଣ କରାଯିବା, କଲେଜରେ ଏକ ଭଲ ଇ-ଲାଇବ୍ରେରୀ ସ୍ଥାପନ କରାଯିବା, କଲେଜରେ ଥିବା ପୁରୁଣା ଘରଗୁଡ଼ିକୁ ମରାମତି କରାଯିବା, କ୍ୱାଟର୍ସ ଗୁଡ଼ିକର ମରାମତି, କଲେଜ ପରିସରର ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକର ମରାମତି, କଲେଜ ପରିସରରେ ନିର୍ମାଣ ଶେଷ ହୋଇ ପଡ଼ିରହିଥିବା ଆହ୍ଲାବାଦ୍ ବ୍ୟାଙ୍କ ପଛ ଲେଡିଜ୍ ହଷ୍ଟେଲକୁ କାର୍ଯ୍ୟକ୍ଷମ କରାଯିବା, ସର୍ବୋପରି ମୁଖ୍ୟତଃ ପ୍ରତ୍ୟହ ସନ୍ଧ୍ୟାରେ କଲେଜ ପଡ଼ିଆ ଓ ହଷ୍ଟେଲ ପଛପଟରେ ଅସାମାଜିକ ଯୁବକମାନଙ୍କ ଅସାମାଜିକ କାର୍ଯ୍ୟଗୁଡ଼ିକର ବୃଦ୍ଧି ଘଟିଚାଲିବା ଏବଂ ଯୁବକମାନେ ନିଶା ସେବନ ପାଇଁ ଏହାକୁ ପ୍ରକୃଷ୍ଟ ସ୍ଥାନ ମଣୁଛନ୍ତି। ଏହାର ନିରାକରଣ ପାଇଁ ପଡ଼ିଆକୁ ଆଲୋକୀକରଣ କରାଯିବା ସହିତ ସନ୍ଧ୍ୟାରେ ନିୟମିତ ପୁଲିସ ପାଟ୍ରୋଲିଂ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ ପରେ ମଞ୍ଚର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଜିଲ୍ଲାପାଳ ଭଦ୍ରକର ବୁଦ୍ଧିଜୀବୀମାନଙ୍କ ସହିତ ତଥ୍ୟଭିତ୍ତିକ ଆଲୋଚନା କରି ସରକାରଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଥିଲା। ଅନ୍ୟ ସମସ୍ତ ଦାବିଗୁଡ଼ିକ ଜିଲ୍ଲାପାଳଙ୍କ କର୍ତ୍ତୃତ୍ୱାଧୀନ ହୋଇଥିବାରୁ ଏହା ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀଯୁକ୍ତ ବୋନ୍ଦର ପ୍ରତିଶୃତି ଦେଇଥିଲେ। ଉକ୍ତ ଦାବିପତ୍ର ପ୍ରଦାନରେ ଶ୍ରୀଯୁକ୍ତ ବିଶ୍ୱାଳଙ୍କ ସମେତ ରୋଟାରିଆନ ଅଭିଜିତ୍ ନାୟକ, ସମାଜସେବୀ ଅନିଲ ଦେ, ଯୋଗଗୁରୁ ସୁରେନ୍ଦ୍ର ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନା, ଅତୁଲ ଦେ, ପ୍ରଦୀପ ଦାସ, ମଞ୍ଚର କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଜୀକୃତ ହୋଇ ମଧ୍ୟ ଧାନ ବିକି ନାହାନ୍ତି ୧ ଲକ୍ଷ ୬୧ ହଜାର: ଚାଷୀ ଦୁର୍ଦ୍ଦଶା ଜାରି



ଭୁବନେଶ୍ୱର, ୪/୦୪ (ନି.ପ୍ର): ଧାନ ସଂଗ୍ରହ ପାଇଁ ପଞ୍ଜୀକୃତ ହୋଇ ମଧ୍ୟ ବିକ୍ରି କରି ନାହାନ୍ତି ୧ ଲକ୍ଷ ୬୧ ହଜାର ୩୬୮ ଚାଷୀ। ୨୦୨୧ ଖରିଫରେ ମଧ ପଞ୍ଜୀକୃତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିପାରି ନଥିଲେ। ଟୋକନ ଲାପ୍ସ, ଧାନ ସଂଗ୍ରହ ସମାପ୍ତ ପୂର୍ବରୁ ମଣ୍ଡିରେ ଟାର୍ଗେଟ ସରିଯିବା ଏବଂ ମିଲରଙ୍କ ମନମାନି ଯୋଗୁଁ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ୧୬ ଲକ୍ଷ ୬୦ ହଜାର ୭୧ ଚାଷୀ ଧାନ ସଂଗ୍ରହ ପାଇଁ ପଞ୍ଜୀକୃତ ହୋଇଥିଲେ। ୨୫୪୮ ପ୍ୟାକ୍ସ, ୫୫୪ ଏସଏଚଜି ଏବଂ ୫ଟି ପାଣି ପଞ୍ଚାୟତ ଜରିଆରେ ୧୪ ଲକ୍ଷ ୯୮ ହଜାର ୭୦୩ ଚାଷୀ ଧାନ ବିକ୍ରି କରିଛନ୍ତି। ସେମାନଙ୍କୁ ୬ କୋଟି ୫୩ ଲକ୍ଷ ୩୨ ହଜାର ୪୨୭ ଟଙ୍କା ଦିଆଯାଇଛି। ଟୋକନ ପାଇଥିବା ପ୍ରତ୍ୟେକ ଚାଷୀଙ୍କ ଧାନ କ୍ରୟ ପାଇଁ ସରକାର ବାଧ ହୋଇଥିଲେ ମଧ କାହିଁକି ଏତେ ସଂଖ୍ୟକ ଚାଷୀ ବିକ୍ରି କରି ନାହାନ୍ତି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲାଗାତର ପ୍ରତ୍ୟେକ ବର୍ଷ ଏଭଳି ଘଟୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବରଗଡ଼ ଠାରୁ ଗଞ୍ଜାମ ସବୁ ଜିଲ୍ଲାରେ ପଞ୍ଜୀକୃତ ସମସ୍ତ ଚାଷୀ ଧାନ ବିକ୍ରି କରି ନାହାନ୍ତି। ଯୋଗାଣ ବିଭାଗର ସୂଚନା ଅନୁସାରେ, ବରଗଡ଼ ଜିଲ୍ଲାରେ ପଞ୍ଜୀକୃତ ୧ ଲକ୍ଷ ୩୯ ହଜାର ୬୩୩ରୁ ୧ ଲକ୍ଷ ୩୫ ହଜାର ୩୫୯, ଗଞ୍ଜାମରେ ୧ ଲକ୍ଷ ୩୧ ହଜାର ୨୩୮ରୁ ୧ ଲକ୍ଷ ୨୦ ହଜାର ୫୮୪, ବାଲେଶ୍ୱରରେ ୯୯ ହଜାର ୭୫୭ରୁ ୮୨ ହଜାର ୬୪୪, ବଲାଙ୍ଗୀରରେ ୭୪ ହଜାର ୪୩ରୁ ୭୧ ହଜାର ୨୨୪, କଟକରେ ୬୬ ହଜାର ୮୧୭ରୁ ୫୭ ହଜାର ୨୪୪, ସମ୍ବଲପୁରରେ ୫୬ ହଜାର ୫୧ରୁ ୫୪ ହଜାର ୫୪୦, ସୁବର୍ଣ୍ଣପୁରରେ ୬୫ ହଜାର ୧୭୭ରୁ ୬୩ ହଜାର ୫୬୮, ସୁନ୍ଦରଗଡ଼ରେ ୪୯ ହଜାର ୪୯୬ରୁ ୪୪ ହଜାର ୮୮୪, ଜଗତସିଂହପୁରରେ ୪୫ ହଜାର ୧୪୧ରୁ ୩୭ ହଜାର ୩୨୬, ଯାଜପୁରରେ ୫୩ ହଜାର ୨୫୫ରୁ ୪୪ ହଜାର ୭୨୦ ଚାଷୀ ଧାନ ବିକ୍ରି କରିଛନ୍ତି। ଅନ୍ୟ ଜିଲ୍ଲାରେ ମଧ ବହୁ ପଞ୍ଜୀକୃତ ଚାଷୀ ଧାନ ବିକି ନାହାନ୍ତି।

## ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସରେ ବଲାଙ୍ଗିର ଜିଲ୍ଲାର ସଫଳତା

ବଲାଙ୍ଗିର, ୪/୦୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ନିଳାଚଳ ପୋଲିଟେକ୍‌ନିକ ଠାରେ ୫ ଦିନ ବ୍ୟାପି ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ କେନ୍ଦ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ୨୫ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀମାନେ ଦଳଗତ ନୃତ୍ୟ, ସଂଗୀତ ଗାନ, ରେଡକ୍ରସ ମେଳା ପ୍ରଦର୍ଶନ, ଏକକ ବିଭାଗରେ ଭାଷଣ, ପ୍ରବନ୍ଧ ଲିଖନ, ବିସ୍ତୃତ ଭାଷଣ, କୁଇଜ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ଧୃବଚରଣ ବେହେରା, ଅତିରିକ୍ତ ଶିକ୍ଷାଧିକାରୀ କେଶବ ମେହେର ଓ ଜୁନିୟର ରେଡକ୍ରସ ସଂପାଦକ ଅନ୍ତର୍ଯ୍ୟାମି ବିଶ୍ୱାଲଙ୍କ ତତ୍ତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାରୁ ଆଦ୍ୟାସା ଅପୁର୍ବା ପାତ୍ର, ସୀମା ନାଏକ, ଚିନ୍ମୟ ମହାନନ୍ଦ, ପାୟଲ ମହାନନ୍ଦ, ବବିତା ପାତ୍ର, ନିହାରିକା ମାଝି, ଅର୍ପିତା କୁମ୍ଭାର,ଓମ୍‌କାର କୁମ୍ଭାର, ସୁବ୍ରତ ମହାପାତ୍ର, ଭାବ ସାଗର ସାହୁ ପ୍ରମୁଖ ୧୦ଜଣ ଜୁନିୟର ଅଂଶଗ୍ରହଣ କରିଥିଲେ । ସଇଁନ୍ତଲା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ରେଡକ୍ରସ ମେଳା ଓଡିଶାରେ ପ୍ରଥମ ହୋଇ ଜାତୀୟ ସ୍ତରକୁ ମନୋନିତ ହୋଇଥିଲା । ସେହିପରି ସଇଁନ୍ତଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଆଦିବାସୀ ଓ କଲ୍ୟାଣ ବିଭାଗ) ର ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ସଂଗୀତଗାନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । କାର୍ଯ୍ୟକ୍ରମରେ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ର ସଂପାଦକ ବିଭୁତି ଭୂଷଣ ପଟ୍ଟନାୟକ (ଆଇଏଏସ୍) ତତ୍ତ୍ୱାବଧାନ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ, ପ୍ରକ୍ତାନ ଓଡିଶା ରାଜ୍ୟ ଶାଖା ରେଡକ୍ରସ ସଂପାଦକ ମେଜର ଡ. କଳ୍ପନା ଦାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଅଶୋକ କୁମାର ରଥ, ଯୁବ ରେଡକ୍ରସ ଅଫିସର ଡ. ରମେଶ ଚନ୍ଦ୍ର ବେହେରା, ଓଡିଶା ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁଙ୍କ ଠାରୁ ବଲାଙ୍ଗିର ଜିଲ୍ଲା ଜୁନିୟରମାନଙ୍କୁ ପୁରସ୍କୃତ କରିଥିଲେ । ସଇଁନ୍ତଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର (ଆଦିବାସୀ ଓ କଲ୍ୟାଣ ବିଭାଗ) ଜୁନିୟର ରେଡକ୍ରସ କାଉନସିଲର ସୁଭାଶିନୀ ମିଶ୍ର, ଅନ୍ନପୁର୍ଣ୍ଣା ମାଝି, କୁଟୁମଡୋଳା ହାଇସ୍କୁଲର ଜୁନିୟର ରେଡକ୍ରସ କାଉନସିଲର ରବିନ୍ଦ୍ର ଠେଟୁଆଲ, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଡେଙ୍ଗର ଜୁନିୟର ରେଡକ୍ରସ କାଉନସିଲର ରାମ ନାରାୟଣ ଦାଶ ଜୁନିୟର ମାନଙ୍କୁ ନେଇ ଦାୟିତ୍ୱ ନିର୍ବାହ କରିଥିଲେ ।

## ବିଭିନ୍ନ ଥାନାରେ ପଡ଼ିଛି ଦାବିଦାର ନଥିବା ୧୫୬୬ଟି ଗାଡ଼ି



କଟକ, ୪/୦୪ (ନି.ପ୍ର): ରାଜ୍ୟର ବିଭିନ୍ନ ଥାନାରେ କେହି ଦାବିଦାର ନଥିବା ୧୫୬୬ଟି ଜବତ ଗାଡ଼ି ରହିଛି। ୨୦୨୨, ନଭେମ୍ବର ୩୦ସୁଦ୍ଧା ଏପରି ଗାଡ଼ି ସଂଖ୍ୟା ୨୭୪୨ ଥିଲା। ୨୦୨୩, ମାର୍ଚ୍ଚ ଶେଷ ସୁଦ୍ଧା କେହି ଦାବିଦାର ନଥିବା ୧୧୭୬ଟି ଗାଡ଼ିକୁ ନିୟମ ଅନୁସାରେ ନିଲାମ କରାଯାଇଛି। ଅବଶିଷ୍ଟ ୧୫୬୬ଟି ଏପରି ଗାଡ଼ିର ନିଲାମ ପ୍ରସଂଗରେ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଛି। ହାଇକୋର୍ଟରେ ରାଜ୍ୟ ସରକାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସପିଙ୍କ ତରଫରୁ ଦାଖଲ ଏହି ସତ୍ୟପାଠରେ ଦର୍ଶାଯାଇଛି ଯେ କେହି ଦାବି କରିବାକୁ ଆସୁ ନଥିବା ଜବତ ଗାଡ଼ି ଗୁଡିକ ନିଲାମ ପାଇଁ ସବୁ ଜିଲ୍ଲାସ୍ତରରେ ନିଲାମ କମିଟି ଗଠନ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇ ଜବତ ଗାଡ଼ି ଗୁଡିକ ପ୍ରସଂଗରେ ପଦକ୍ଷେପ ନିଆଯାଉଛି। ଏହି ପ୍ରସଂଗରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସାନି ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଆଶିଷ ରଂଜନ ମହାନ୍ତିଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୦କୁ ଧାର୍ଯ୍ୟ କରାଯାଇଛି।

## ଚୈତ୍ର ପୂର୍ଣ୍ଣିମା ପାଇଁ ଯୁବ କୁଲୁତା ସମାଜର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୪/୦୪ (ନି.ପ୍ର): ସ୍ଥାନୀୟ ରେଲୱେ ଷ୍ଟେସନ ସ୍ଥିତ କରାଟେ ସ୍କୁଲ ରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ଏପ୍ରିଲ ୬ ତାରିଖରେ ଚୈତ୍ର ପୂର୍ଣ୍ଣିମା ତଥା କୁଲୁତା ଦିବସ ପାଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ସକାଳ ଘ.୭ ସମୟରେ ମାଁ ରାମଚଣ୍ଡିଙ୍କ ପୂଜାର୍ଚ୍ଚନା କରାଯିବ ଓ ଘ.୮.୩୦ ମି. ସମୟରେ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି । ଏହି ସଭାରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ, ସଂପାଦକ ଭୁବନେଶ୍ୱର ଭୋଇ, ଉପ-ସଭାପତି ଜିତେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଅମିତ ବାରିକ, ସଭ୍ୟ ଦିନେଶ ପ୍ରଧାନ, ବାସୁଦେବ ସାହୁ, ପ୍ରେମ କିଶୋର ସାହୁ ଓ ଉପଦେଷ୍ଟା ଶ୍ରୀମନ୍ତ ଗଡତ୍ୟା ତଥା ବିଭିନ୍ନ ବ୍ଲକର ଯୁବ ଭାଇମାନେ ଉପସ୍ଥିତ ଥିଲେ ।

## ପୂର୍ବତନ ସୈନିକ ସଂଘର ବିକ୍ଷୋଭ ପ୍ରଦର୍ଶନ: ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୪/୦୪ (ନି.ପ୍ର): ୱାନ୍ ରେଙ୍କ ୱାନ୍ ପେନ୍‌ସନ୍ ଦାବୀରେ ବଲାଙ୍ଗିର ଜିଲ୍ଲା ପୂର୍ବତନ ସୈନିକ ସଂଘ, ସହୀଦ ପରିବାର ଏବଂ ସୈନିକଙ୍କ ବିଧବା ପତ୍ନୀମାନେ ଆଜି ରାଜ ରାସ୍ତାରେ ତାଙ୍କର ମୌଳିକ ଦାବୀ ନେଇ ଗର୍ଜିଛନ୍ତି । ସ୍ଥାନୀୟ କୋଶଳ କଳା ମଣ୍ଡଳଠାରୁ ବିରାଟ ରାଲିରେ ବାହାରି ଭାଗିରଥୀ ଛକ, ପିପି ଏକାଡେମୀ ଛକ, ରମାଇ ଟକିଜ୍ ଛକ, ପାଟଣା ଛକ, ସରକାରୀ ବସ୍ ଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ । ତାଙ୍କର ମୁଖ୍ୟ ଦାବୀ ହେଲା ସମାନ ରେଙ୍କକୁ ସମାନ ପେନ୍‌ସନ୍, ଇସିଏଚ୍‌ଏସ୍ ଏବଂ ସିଏସ୍ ?ଡି କ୍ୟାଂଟିନ୍‌ରେ ସମାନ ସୁବିଧା, ବିକଳାଙ୍ଗ, ସହୀଦ ପରିବାର ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିବା ଜବାନ ସମସ୍ତଙ୍କ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଯେଉଁ ପାତର ଅନ୍ତର ନୀତି ଆପଣାଇଛନ୍ତି ତାକୁ ପୁନର୍ବାର ରିଭିଜନ କରିବା ପାଇଁ ସମଗ୍ର ଭାରତ ବର୍ଷରେ ସମସ୍ତ ପୂର୍ବତନ ସୈନିକ ସଂଘ ରାଜ ରାସ୍ତାରେ ଓହ୍ଲାଇ ପ୍ରତିବାଦ କରୁଛନ୍ତି । ଦିଲ୍ଲୀ ସ୍ଥିତ ଯନ୍ତରମନ୍ତରରେ ଭାରତ ବର୍ଷର ସମସ୍ତ ପୂର୍ବତନ ସୈନିକ ସଂଗଠନ ଏକତ୍ରିତ ହୋଇ ପ୍ରତିବାଦ କରି ଆସୁଛନ୍ତି । ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସୈନିକ ଆନ୍ନା ହଜାରେ ଦିଲ୍ଲୀରେ ଆନ୍ଦୋଳନରତ ପୂର୍ବ ସୈନିକଙ୍କୁ ସମର୍ଥନ କରି ଆଗାମୀ ଦିନରେ ଭାରତ ବର୍ଷର ସବୁ ରାଜ୍ୟମାନଙ୍କରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଭାରତ ବର୍ଷର ୭୬୬ ଜିଲ୍ଲାରେ ପୂର୍ବତନ ସୈନିକମାନେ ରାଲି ମାଧ୍ୟମରେ ଭାରତର ମହାମହିମ ରାଷ୍ଟ୍ରପତି, ଭାରତର ପ୍ରଧାନମନ୍ତ୍ରୀ ତଥା ରକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରିଛନ୍ତି । ସେହିଭଳି ଭାବରେ ଆଜି ବଲାଙ୍ଗିର ଜିଲ୍ଲା ପୂର୍ବତନ ସଂଘ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛି । ଜିଲ୍ଲାରେ ପୂର୍ବତନ ସୈନିକମାନଙ୍କ ବିଧବା ପତ୍ନୀ ପେନ୍‌ସନ୍ ପାଇବାରୁ ବଂଚିତ ହୋଇ ଆସୁଛନ୍ତି, ଜିଲ୍ଲାରେ କୌଣସି କାର୍ଯ୍ୟାଳୟ ନଥିବାରୁ ପୂର୍ବତନ ସୈନିକ, ସହୀଦ ପରିବାର, ବିଧବାମାନେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ଦୁର୍ଗମ ଅଂଚଳରେ ହୋଲି ଏବଂ ଦିପାବଳୀ ଜବାନ ମାନଙ୍କ ସାଥୀରେ ପାଳନ କରୁଛନ୍ତି । ଭାରତ ବର୍ଷର ସମସ୍ତ ପୂର୍ବ ସୈନିକ ପ୍ରଧାନମନ୍ତ୍ରୀଙ୍କ ଉପରେ ଯେଉଁ ଆସ୍ଥା ରଖିଛନ୍ତି, ନିଶ୍ଚିତ ଭାବରେ ଦାବୀକୁ ଗ୍ରହଣ କରିବେ। ନଚେତ ଆଗାମୀ ଦିନରେ ସମସ୍ତ ପୂର୍ବ ସୈନିକ ଏବଂ ପରିବାର ରାଜ ରାସ୍ତାକୁ ପୁଣି ଓହ୍ଲାଇବେ ଯାହାକି ଗଣତନ୍ତ୍ର ପାଇଁ ଶୁଭପ୍ରଦ ହେବ ନାହିଁ ବୋଲି ପୂର୍ବ ସୈନିକମାନେ ଚେତାବନୀ ଦେଇଛନ୍ତି । ବଲାଙ୍ଗିର ଜିଲ୍ଲା ପୂର୍ବତନ ସୈନିକ ସଂଘର ସଭାପତି ବିଭୁତି ଭୂଷଣ ପାଣିଗ୍ରାହୀ, ପୂର୍ବତନ ସଭାପତି ସଚିକାନ୍ତ ନାଏକ, ପାଟଣାଗଡର ସଂଯୋଜକ ସହଦେବ ପୁରୋହିତ, ସଂପାଦକ ପ୍ରତାପ ଚନ୍ଦ୍ର ରଥ ଦାବୀ ଉପସ୍ଥାପନା କରିବା ସଂଗେ ସଂଗେ ପୂର୍ବତନ ସୈନିକମାନଙ୍କ ଗହଣରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଜିର ବିରାଟ ରାଲିରେ ପାଟଣାଗଡର ସଂଯୋଜକ ପ୍ରଫୁଲ୍ଲ ମେହେର, ଟିଟିଲାଗଡର ସଂଯୋଜକ ଚନ୍ଦ୍ରଶେଖର ସାହୁ, କଂଟାବାଞ୍ଜିର ସଂଯୋଜକ ପ୍ରତାପ ପଟ୍ଟନାୟକ, ବଲାଙ୍ଗିରର ସଂଯୋଜକ ନବକୃଷ୍ଣ ପଟେଲ, ଫକୀର ମୋହନ ଗଡତ୍ୟା, କୃଷ୍ଣଚନ୍ଦ୍ର ପରମଗୁରୁ, ସର୍ବେରାମ ପଟେଲ, ଅରୁଣ ବାରିକ, ସୁଶିଲ ପଟେଲ, ଶଙ୍କର ଜୁଏଡ, ଜଗନ୍ନାଥ ସାହୁ, ପଦ୍ମଲୋଚନ ପାତ୍ର, ପ୍ରମୋଦ ବାବୁ, ବିରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ପଟେଲ, ଗୋପାଳ ମିଶ୍ର, ନୀଳକଣ୍ଠ ପାଢୀ, ନୟନ ଅଗସ୍ତି, ମହେନ୍ଦ୍ର ପଣ୍ଡା, ବିବେକ ଭୋଇ, ପ୍ରେମଲତା ନନ୍ଦ, ଦୀପ୍ତି ମିଶ୍ର ତଥା ଆହୁରି ଶତାଧିକ ପୂର୍ବ ସୈନିକ ଏହି ରାଲିରେ ଅଂଶଗ୍ରହଣ କରିଥିଲେ।

## ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗିର, ୪/୦୪ (ନି.ପ୍ର): ଏପ୍ରିଲ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଆଇ.ପି.ଏସ. ପ୍ରୋବେସନର କୁଳଦୀପ ମୀନା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ପିଡି ଡୁଡା ସୁଦର୍ଶନ ସାଏ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାର ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୧୧୨ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୯୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୩ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଜନସାଧାରଣ ଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମ ଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୪ ର ପ୍ରଦୀପ ପରୁଆ ଓ ଅଞ୍ଜଳି ବାଗଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ର ଚେକ ପ୍ରଦାନ କରାଯାଇଥିଲା । ସେହିପରି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ଚିକିତ୍ସା ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଗ୍ରାମ ର ଲକ୍ଷ୍ମଣ ଖୁଣ୍ଟିଆ ଙ୍କୁ ୧୦ ହଜାର ଟଙ୍କା, ଦେଓଗାଁ ର ବନମାଳୀ ସୁନା ଙ୍କୁ ୨୦ ହଜାର, ସଇଁତଲା ବ୍ଲକ ର ମେରା ବାହାଲ ଗ୍ରାମର ସୁମନ୍ତ ହରିପାଳ ଙ୍କୁ ୨୦ ହଜାର, ଆଗଲପୁର ବ୍ଲକ ର ତେନ୍ତୁଳୀଗାଁ ର କୁମୁଦିନୀ ପଧାନ ଙ୍କୁ ୧୦ ହଜାର, ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ଗର୍ଜନ ଗ୍ରାମର କ୍ଷୀର କୁମ୍ଭାର ଙ୍କୁ ୧୦ ହଜାର ଟଙ୍କା ଓ ପୁଇଁତଲା ବ୍ଲକ ର ଛେମତଲା ଗ୍ରାମର ଫୁଲ ନାଗ ଙ୍କୁ ୧୦ ହଜାର ଟଙ୍କା ର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

## ଡ୍ରାଇଭର ମହାସଂଘର ଦେଓଗାଁ ବୈଠକ ଅନୁଷ୍ଠିତ

ବଲାଙ୍ଗୀର, ୪/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ଗ୍ରାମପଂଚାୟତ କଲ୍ୟାଣମଣ୍ଡପ ଠାରେ ଓଡିଶା ଡ୍ରାଇଭର ମହାସଂଘ ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଦେଓଗାଁ ବ୍ଲକ ସଭାପତି ଲାଲୁ ସାଗର ଙ୍କ ନେତୃତ୍ୱ ରେ ଆୟୋଜିତ ହୋଇଥିବା ଏହି ବୈଠକରେ ଅତିଥି ଭାବରେ ସଦର ବ୍ଲକ ସଭାପତି ଅର୍ଜୁନ ତାଣ୍ଡି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ପୂର୍ବ ସଭାର ବୀବରଣୀ ପଠନ କରି ସବୁ ଠିକ ଓ ନିଭୁଏ ଥିବାରୁ ତାକୁ ସର୍ବସମ୍ମତି କ୍ରମେ ପଠନ କରାଯାଇଥିଲା। ଏହା ସହ ପରିଚୟ ପ୍ରଦାନ ତଥା ଫଂଚନ ନିମନ୍ତେ ଓ ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଅନ୍ୟମାନଙ୍କୁ ନୂତନ ଭାବରେ ଦାୟିତ୍ୱ ପ୍ରଦାନ କରିବାକୁ ନିଷ୍ପତି ପ୍ରକାଶିତ ହୋଇଥିଲା।

## ଖଲିଆପାଲି ଗ୍ରାମ ନିକଟରେ ବନ କର୍ମଚାରୀ ବାରାହ ମାଂସ ସହ ବାଇକ ଜବତ କଲେ

ବଲାଙ୍ଗିର, ୪/୦୪ (ନି.ପ୍ର):ପାଟନାଗଡ ରେଞ୍ଜ କର୍ମଚାରୀମାନେ ବହୁ ପରିମାଣର ବଣୁଆ ଘୁଷୁରୀ ମାଂସ ଏବଂ ବାଇକ୍ ଜବତ କରିଛନ୍ତି। ଏପ୍ରିଲ ୩, ୨୦୨୩ ରେ, ପ୍ରାୟ ସକାଳ ୧୦:୨୦ ରେ ବାନ୍ଧପଡା ବିଭାଗର ଖଲିଆପାଲି ଗ୍ରାମ ନିକଟରେ ଏହି ଜବତ କରାଯାଇଥିଲା। ରେଞ୍ଜ ଅଫିସର ଆନନ୍ଦ ଚନ୍ଦ୍ର ବିସିଙ୍କ ନେତୃତ୍ୱରେ ନବ କିଶୋର ଦାସ ଫରେଷ୍ଟର, ନିତ୍ୟା ନନ୍ଦ ମିର୍ଧା, ଫରେଷ୍ଟ ଗାର୍ଡ ଏବଂ ୱାଚରମାନେ ଏହି ଚଢ଼ାଉ ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପ୍ରାୟ ୨୫ କିଲୋଗ୍ରାମର ଏହି ମାଂସ, ବଣୁଆ ଘୁଷୁରୀର ମୁଣ୍ଡ, ଗୋଡ ଏବଂ ଲାଞ୍ଜକୁ ଅନ୍ତର୍ଭୁକ୍ତ କରିଥିଲା। ବାଇକ୍ (ଓ ଡି ୦୩ ଏକ୍ସ ୯୯୫୦) ମଧ ଜବତ କରାଯାଇଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ଆଇନ ପ୍ରଣୟନ ପାଇଁ ଉତ୍ସର୍ଗୀକୃତ ହୋଇଥିବାରୁ ଆମେ ପାଟନାଗଡ଼ ରେଞ୍ଜ କର୍ମଚାରୀଙ୍କୁ ପ୍ରଶଂସା କରୁଛୁ। ସେମାନଙ୍କର କାର୍ଯ୍ୟକଳାପ ଏହି ଅଂଚଳରେ ସଂରକ୍ଷଣ ପ୍ରୟାସ ପାଇଁ ସେମାନଙ୍କର ପ୍ରତିବଦ୍ଧତାର ପ୍ରମାଣ ଅଟେ। ସମ୍ପ୍ରତି, ଏହି ମାମଲାର ତଦନ୍ତ ଚାଲିଛି ଏବଂ ଆମେ ଏହି ବିଷୟରେ ଅଧିକ ଅଦ୍ୟତନକୁ ଅପେକ୍ଷା କରିଛୁ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ପ୍ରକାଶ କରିଛନ୍ତି।

## ୫୧ କୁଣ୍ଡୀୟ ଯଜ୍ଞ ଓ ପ୍ରବଚନ ଉଦଯାପିତ

ଲଙ୍ଗଳେଶ୍ୱର, ୦୪/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ବଡଖୋଳିଆ ବିଦ୍ୟାଳୟ ପରିସରରେ ରବିବାର ୫୧ କୁଣ୍ଡୀୟ ଯଜ୍ଞ ଓ ପ୍ରବଚନ ଭଜନ ସନ୍ଧ୍ୟା ଉଦଯାପିତ ହେଇଯାଇଛି। ଆଖପାଖ ଅଞ୍ଚଳ ରୁ ଶହ ଶହ ଶ୍ରଦ୍ଧାଳୁ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମରେ ସାମିଲ ହେଇ ଆଧାତ୍ମିକ ଜ୍ଞାନ ଆହରଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଙ୍କ ପ୍ରବଚନ ରେ ବିମୋହିତ ଶୃତା ସୁରେଶ କୁମାର ପାଣିଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ପରିଚାଳନା କମିଟି ର ସଭାପତି ପଦ୍ମଲୋଚନ ସ୍ୱାଇଁ, ସମ୍ପାଦକ ବସନ୍ତ କୁମାର ସେନାପତି, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବାବାଜୀ ଚରଣ ବିଶ୍ୱାଳ, ହରପ୍ରସାଦ ମହାନ୍ତି, ଲକ୍ଷ୍ମୀ କାନ୍ତ ମାଝୀ, ଭଗବାନ ସାହୁ,ବସନ୍ତ ଘଣ୍ଟି, ବଂଶୀଧର ଦାସ, ହରିପଦ କରଣ, ରମାକାନ୍ତ ମହାନ୍ତି ପ୍ରମୁଖ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମହାମହିମ ରାଜ୍ୟପାଳଙ୍କୁ ଭେଟିଲେ ରାଧାକୃଷ୍ଣ ଗୋଶାଳାର ସମ୍ପାଦକ

ବାରିପଦା , ୦୪/୦୪ (ନି.ପ୍ର): ରାଧାକୃଷ୍ଣ ଗୋ ସେବା ସମିତି, ଗୋକୁଳଧାମ ଗୁଣ୍ଡିହୁଡ଼ି, ଶାମାଖୁଣ୍ଟା ଗୋଶାଳାର ସମ୍ପାଦକ ହେମନ୍ତ ଶାହା ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜୀଙ୍କୁ ଭେଟି ଗୋଶାଳାର କାର୍ଯ୍ୟ ତଥା ବିଭିନ୍ନ ସମସ୍ୟା ସମ୍ପର୍କରେ ଅାଲୋଚନା କରିଥିଲେ । ଗତବର୍ଷ ୨୦୨୨ ମସିହା ଅକ୍ଟୋବର ମାସରେ ମହାମହିମ ରାଜ୍ୟପାଳ ଗୋଶାଳାରେ ଗର୍ଭବତୀ ଗୋମାତା ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଗୃହ ଉଦ୍ଘାଟନ କରିଥିଲେ । ଏହି ସମୟରେ ଗୋଶାଳାର ସଦସ୍ୟଙ୍କ ସହ ଗୋଶାଳାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ସମସ୍ୟା ଭାବେ ଗୋମାତା ମାନଙ୍କ ଖାଦ୍ୟ ପାଇଁ ଆବଶ୍ୟକତା ଅନୁଯାୟୀ ଘାସ ମିଳୁନଥିବା ହେତୁ ନିକଟରେ ଥିବା ଏକ ସରକାରୀ ଗୋଚର ଜମିରେ ଘାସ ଚାଷ କରିବା ପାଇଁ ସଦସ୍ୟ ମାନେ ମହାମହିମଙ୍କୁ ନିବେଦନ କରିଥିଲେ ଏବଂ ସେହି ଗୋଚର ଜମିରୁ କିଛି ଗୋଶାଳାକୁ ଆବଣ୍ଟିତ କରିବା ପାଇଁ ମହାମହିମ ରାଜ୍ୟପାଳ ମୋହଦୟ ଜିଲ୍ଲାପାଳଙ୍କୁ କହିଥିଲେ ମାତ୍ର ଆଜି ଯାଏ ତାହା କାର୍ଯ୍ୟକାରୀ ନହେବା ଶୁଣି ମହାମହିମ ରାଜ୍ୟପାଳ ଆଶ୍ଚର୍ଯ୍ୟ ହେବା ସହିତ ଦୁଃଖ ପ୍ରକାଶ କରିଥିଲେ ଏବଂ କିପରି ଯଥାଶୀଘ୍ର ପଦେକ୍ଷପ ଗ୍ରହଣ କରି ରାଜଭବନ କାର୍ଯ୍ୟାଳୟ ତରଫରୁ ଏକ ପତ୍ର ଜିଲ୍ଲାପାଳଙ୍କୁ କରାଯାଇ ଗୋମାତାଙ୍କର ଖାଦ୍ୟପେୟର ବ୍ୟବସ୍ଥା ହୋଇପାରିବ ଗ୍ରହଣକୁ କରିବେ ବୋଲି ଶ୍ରୀ ଶାହାଙ୍କୁ କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପରଲୋକରେ...

ସ୍ୱାମୀ ଅସୀମାନନ୍ଦ ଏକାଧାରାରେ ଜଣେ ଆଧାତ୍ମିକ ଗୁରୁ, ସମାଜ ସଂସ୍କାରକ, ସମାଜସେବୀ, ବାଗ୍ମୀ ବକ୍ତା ଓ ସାରସ୍ୱତ ସାଧକ ଥିଲେ । ତାଙ୍କର ମହାନ ଆଦର୍ଶରେ ଅନୁପ୍ରାଣୀତ ହୋଇ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟକ୍ତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ସହିତ ତାଙ୍କର ମହାନ ବାର୍ତ୍ତାରେ ଉଦବୃଦ୍ଧ ହୋଇଥିଲେ । ସ୍ୱାମୀଙ୍କ ପରଲୋକ ପରେ ତାଙ୍କର ଶେଷ ଦର୍ଶନ ପାଇଁ ବହୁ ଭକ୍ତ ତଥା ପ୍ରଶଂସକ ରାମ ମନ୍ଦିରରେ ଭିଡ଼ ଜମାଇଥିଲେ । ତାଙ୍କର ମୃତ୍ୟୁ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି ।

### ନାଳିଆ ନଦୀରେ .....

ଏହି ଦୁଃଖଦ ଖବର ପ୍ରଚାରିତ ହେବା ମାତ୍ରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ସମେତ ବହୁ ରାଜନେତା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ସେଠାରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଛି।ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ୫ଜଣ ସାଙ୍ଗ ଆଜି ସକାଳେ ସାଳନ୍ଦୀର ଶାଖା ନାଳିଆ ନଦୀରେ ପହଁରା ଶିଖିବାକୁ ଯାଇଥିଲେ। ହେଲେ ସେଠାରେ ସେମାନଙ୍କ ଭିତରୁ ୩ଜଣ ପାଣିରେ ବୁଡ଼ିଯାଇଥିଲେ।

## ଚାକିରି ଦେବା ନାଁ'ରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ: ମହିଳାଙ୍କ ସମେତ ୬ ଅଭିଯୁକ୍ତ ଗିରଫ





ବାଲେଶ୍ୱର, ୦୪/୦୪ (ନି.ପ୍ର): ୮୦ ହଜାରରୁ ଆରମ୍ଭ କରି ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ନେଇ ସରକାରୀ ଓ ଖ୍ୟାତନାମା କମ୍ପାନୀରେ ଚାକିରି କରାଇ ଦେବା ଆଳରେ ଶିକ୍ଷିତ ଯୁବକ ଯୁବତୀଙ୍କୁ ଠକୁଥିବା ବାଲେଶ୍ୱରର ଏକ ରାକେଟକୁ ଠାବ କରିଛି ପୁଲିସ। ଏହି ରାକେଟର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସ୍ଥାନୀୟ ସହଦେବଖୁଣ୍ଟା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ସୁନ୍ଦରୀ ଗ୍ରାମର ରାମମାନସ ଦେବବ୍ରତ ମଲିକ, ଅଜିତ କୁମାର ପଣ୍ଡା ଓ ସମିତା ପଣ୍ଡା, ଟାଉନଥାନା ଅନ୍ତର୍ଗତ ଟୁଲଙ୍କସାହିର ସମ୍ବିତ କୁମାର ପଣ୍ଡା ଏବଂ ସିଂଲା ଥାନା ଅନ୍ତର୍ଗତ ସୁଶୀଲ କୁମାର ମହାନ୍ତି। ତେବେ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲେ ବି ଏସପି କିମ୍ବା ଅନ୍ୟ ପୁଲିସ ଅଧିକାରୀ ତା'ର ନାମ ପ୍ରକାଶ ପାଇଁ ଅମଙ୍ଗ ହୋଇଥିଲେ। ସେମାନଙ୍କ ଠାରୁ ନକଲି ନିଯୁକ୍ତି ପତ୍ର, ଆବେଦନ ଫର୍ମ, ନଗଦ ୩ ଲକ୍ଷ ୯ହଜାର ଟଙ୍କା, ୧୦ଲକ୍ଷ ୫୦ହଜାର ଟଙ୍କା ମୂଲ୍ୟର ସୁନା ଅଳଙ୍କାର ପୁଲିସ ଜବତ କରିଛି। ଏଥି ସହିତ ଅଭିଯୁକ୍ତମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଜମା ଅର୍ଥ, ଘରଦ୍ୱାର ଓ ଅନ୍ୟାନ୍ୟ ସମ୍ପତ୍ତି ରେକର୍ଡ ପ୍ରଭୃତି ସିଜ କରାଯାଇଥିବା ଏସପି କହିଛନ୍ତି । ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ଜମାଥିବା ୨୮ଲକ୍ଷ ଟଙ୍କା ଓ ପ୍ରାୟ ୮୦ ଲକ୍ଷ ମୂଲ୍ୟର ସମ୍ପତ୍ତି ଫ୍ରିଜ୍ କରାଯାଇଥିବା ଏସପି କହିଛନ୍ତି।

ତେବେ ଏହି ରାକେଟର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ସୁନ୍ଦରୀ ଗ୍ରାମର ସଞ୍ଜୀବ ପଣ୍ଡା ଏ ପର୍ଯ୍ୟନ୍ତ ଫେରାର ଥିବା ଏସପି କହିଛନ୍ତି। ଏସପି ଶ୍ରୀମତୀ ନାଥଙ୍କ ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ସୋସିଆଲ ମିଡିଆକୁ ବ୍ୟବହାର କରି ଚାକିରି ଅଶାୟୀଙ୍କୁ ଆକର୍ଷିତ କରିଥା'ନ୍ତି। ବାଲେଶ୍ୱର ଜିଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚାଲିଥିବା ପୋଷଣ ଯୋଜନାରେ ସହକାରୀ ଓ ଜିଲା ସଂଯୋଜକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜୁନିଅର ଆସିଷ୍ଟାଣ୍ଟ, ମୟୁରଭଞ୍ଜ ଜିଲାର ଜଙ୍ଗଲ ବିଭାଗ ଅଧୀନ କମ୍ୟୁନିଟି ସଂଗଠକ ପଦ, ଭାରତୀୟ ରେଳ ବିଭାଗରେ ବିଭିନ୍ନ ବର୍ଗର ପଦ ପଦବୀ ସାଙ୍ଗକୁ ଟାଟା ଷ୍ଟିଲ୍ କମ୍ପାନୀରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ଏହି ରାକେଟ ଆଶାୟୀଙ୍କଠାରୁ ଅର୍ଥ ନେଉଥିଲା। ଆଶାୟୀ ପ୍ରାର୍ଥୀଙ୍କଠାରୁ ୮୦ହଜାରରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରିଥା'ନ୍ତି ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ପଣ୍ଡା। ତାଙ୍କ ସର୍ତ୍ତରେ ରାଜି ହେବା ପରେ ଏହି ରାକେଟର ଅନ୍ୟ ସହଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ସାର୍ଟିଫିକେଟ ଯାଞ୍ଚ ଓ ନକଲି ସାକ୍ଷାତକାର ଆୟୋଜନ କରାଯାଏ । ଏମିତିକି ପ୍ରାର୍ଥୀମାନଙ୍କର କୋଭିଡ ଟେଷ୍ଟ ବି କରାଯାଇଥାଏ। ପ୍ରାର୍ଥୀଙ୍କଠାରୁ ପ୍ରତି ପର୍ଯ୍ୟାୟରେ ଅର୍ଥ ନିଆଯାଇଥାଏ। ତେବେ ଏହି ଅର୍ଥ ଉଭୟ ଅଫଲାଇନ ଓ ଅନଲାଇନରେ ଗ୍ରହଣ କରାଯାଇଥାଏ ବୋଲି ଏସପି ଶ୍ରୀମତୀ ନାଥ ପ୍ରକାଶ କରିଛନ୍ତି। ସୂଚନା ଦେଇଛନ୍ତି। ବିଭିନ୍ନ ପଦ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ଫର୍ମ ଏବଂ ନିଯୁକ୍ତି ପତ୍ରରେ ଜାଲ ସରକାରୀ ଷ୍ଟାମ୍ପ ଓ ଲୋଗୋ ବ୍ୟବହାର କରାଯାଇଥାଏ। ତେବେ ନିଯୁକ୍ତି ପତ୍ରକୁ ନେଇ ସମ୍ପୃକ୍ତ ବିଭାଗରେ ପହଞ୍ଚିବା ପରେ ତାହା ଜାଲ ବୋଲି ଜଣା ପଡ଼ିଥାଏ।ଏହାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପ୍ରାଥମିକ ଅନୁସନ୍ଧାନରୁ ଏହି ରାକେଟ ଶତାଧିକ ଆଶାୟୀଙ୍କୁ ଠକିଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ଶତାଧିକ ଚାକିରି ଆଶାୟୀଙ୍କ ଠାରୁ ପ୍ରାୟ ଏକ କୋଟିରୁ ଅଧିକ ଟଙ୍କା ଆଦାୟ କରିଥିବା ଜଣାପଡିଛି । ଏହି ଘଟଣାରେ ଲିଙ୍କ ବିଷୟରେ ଅନୁସନ୍ଧାନ ପାଇଁ ଦୁଇଟି ପୁଲିସ ଟିମ୍ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଏସପି ଶ୍ରୀମତୀ ନାଥ କହିଛନ୍ତି। ସିଟି ଡିଏସପି ଗାୟତ୍ରୀ ପ୍ରଧାନ ଓ ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ମହିଳାଙ୍କ ପେଟରୁ ବାହାରିଲା ୮.୫ କେଜିର ଟ୍ୟୁମର

ବାଲେଶ୍ୱର, ୦୪/୦୪ (ନି.ପ୍ର): ସହରର ତେଲଙ୍ଗାସାହି ପୁଲିସ ଲାଇନ ଛକ ସ୍ଥିତ 'ରାଜ ମେମୋରିଆଲ ହସପିଟାଲ'ରେ ଡାକ୍ତରମାନେ ସଫଳ ଅପରେସନ ଦ୍ୱାରା ଜନୈକ ମହିଳାଙ୍କ ପେଟରୁ ୮.୫ କେଜି ଓଜନର ଟ୍ୟୁମର ବାହାର କରିଛନ୍ତି। ସମ୍ପୃକ୍ତ ମହିଳା ଜଣକ ହେଲେ ରେମୁଣା ଅଞ୍ଚଳର। ଦୀର୍ଘଦିନ ଧରି ପେଟର ଯନ୍ତ୍ରଣା ହେଉଥିବା ବେଳେ ପରିବାର ଲୋକେ ତାଙ୍କୁ ଏହି ହସପିଟାଲରେ ଭର୍ତ୍ତି କରିଥିଲେ। ବିଭିନ୍ନ ପ୍ରକାରର ପରୀକ୍ଷା ପରେ ତାଙ୍କ ପେଟରେ ଏକ ଟ୍ୟୁମର ଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ସେହିକ୍ରମରେ ଡାକ୍ତର ରାମକୃଷ୍ଣ ସାହୁ, ଡାକ୍ତର ସନ୍ଦୀପ କୁମାର ଦାସ, ଡାକ୍ତର ଅରବିନ୍ଦ ରଂଜନ ମୈକି ପ୍ରମୁଖଙ୍କ ଦୀର୍ଘ ସମୟର ସଫଳ ଅପରେସନ ପରେ ଏହି ଟ୍ୟୁମରକୁ ବାହାର କରାଯାଇଥିଲା। ଏହି ଅପରେସନରେ ଫାର୍ମାସିଷ୍ଟ ଜୟନ୍ତ କୁମାର ବେହେରା ଓ ଜଗନ୍ନାଥ ଦାସ ସକ୍ରିୟ ସହଯୋଗ କରିଥିଲେ। ଏବେ ସମ୍ପୃକ୍ତ ମହିଳା ସୁସ୍ଥ ଅଛନ୍ତି।

## ଗୁହାଳରୁ ବାଛୁରୀକୁ ଟାଣି ନେଲା ବାଘୁଣୀ

ନୂଆପଡ଼ା, ୦୪/୦୪ (ନି.ପ୍ର): ନୂଆପଡ଼ା ରେଞ୍ଜ ଅଧିନ ଆମାନାରା ପଞ୍ଚାୟତରେ କିଛି ଦିନର ନୀରବତା ପରେ ପୁଣି ରକ୍ତମୁଖା ହୋଇଛି ବାଘୁଣୀ। ମଙ୍ଗଳବାର ସକାଳୁ ପାଓ୍ୱାରତୋଲା ଗାଁର ଜଣଙ୍କ ଗୁହାଳରୁ ବାଛୁରୀକୁ ଟାଣି ନେଇ ଖାଇଯାଇଛି ବାଘୁଣୀ । ସୂଚନାନୁଯାୟୀ, ଗତ ମାସେ ହେବ ଆମାନାରା ପଞ୍ଚାୟତ ମୁଷରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶାବକ ସହ ବାଘୁଣୀ ଖାଦ୍ୟ ଅନ୍ୱେଷଣରେ ଆସି ଆଡ୍ଡା ଜମାଇ ବସିଛି । ସେହିଦିନ ଠାରୁ ଆମାନାରା ପଞ୍ଚାୟତ ତରିଆ ମହୁଆଭଟା ସମେତ ପାଓ୍ୱାରତୋଲା, ମୋହରାଡ଼ିହି ଗାଁରେ ଆତଙ୍କ ଚଳାଇଛି । ଗତ କିଛି ଦିନର ନୀରବତା ପରେ ପୁଣି ବାଘୁଣୀ ରକ୍ତମୁଖା ହୋଇଛି । ସୋମବାର ରାତିରେ ପାଓ୍ୱାରତୋଲା ଗାଁର ଚିଟିରାମ ସତନାମୀ ନିଜ ଗୁହାଳରେ ଗାଈ ଓ ବାଛୁରୀକୁ ବାନ୍ଧି ରଖିଥିଲେ । ବିଳମ୍ବିତ ରାତିରେ ବାଘୁଣୀ ମୁଷରଙ୍ଗୀ ଜଙ୍ଗଲରୁ ଶିକାର ପାଇଁ ବାହାରିଥିଲା । ପାଓ୍ୱାରତୋଲା ଗାଁର ଚିଟିରାମଙ୍କ ଗୁହାଳରେ ପଶି ବାଛୁରୀକୁ ଶିକାର କରିଛି । ବାଛୁରୀକୁ ଗୁହାଳରୁ ବାଡିକୁ ଟାଣି ନେଇ ବାଘୁଣୀ ଖାଇ ଯାଇଛି । ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚିନଥିବା ଗାଁ ଲୋକେ କହିଛନ୍ତି ।

## ଦକ୍ଷିଣପୂର୍ବ ରେଳପଥ- ସଂଶୋଧନ

ଟେଣ୍ଡର ନମ୍ବରର ସଂଶୋଧନ: ଟେଣ୍ଡର ନୋଟିସ୍ ନଂ ବିପକ୍ଷରେ ଇ- KGP-South-02-2023: ଇ-ଟେଣ୍ଡର / ୨୦୨୩/୦୬, ତାରିଖ : ୧୪.୦୩.୨୦୨୩। ଉପରୋକ୍ତ ଟେଣ୍ଡର ଖୋଲିବାର ତାରିଖ ୨୭.୦୩.୨୦୨୩ ପରିବର୍ତ୍ତେ ୧୨.୦୪.୨୦୨୩ ଭାବରେ ପଢ଼ିବା ଉଚିତ୍। ଟେଣ୍ଡରର ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିବ।

(PR-11 / C)

## ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ ପାଇଁ କଂଗ୍ରେସ ସହ ମିଳିତ ହେଲେ ଅନ୍ୟଦଳର ନେତା

ବାଲେଶ୍ୱର, ୦୪/୦୪ (ନି.ପ୍ର): ୪ ଥରର ସାଂସଦ ତଥା କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦୁଇବର୍ଷ ଜେଲ ଦଣ୍ଡ ସାଙ୍ଗକୁ ସାଂସଦ ପଦରୁ ବରଖାସ୍ତ ଓ ସରକାରୀ କ୍ୱାର୍ଟର୍ସ ଛାଡ଼ିବାକୁ ଦିଆଯାଇଥିବା ନୋଟିସକୁ ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ଦୃଢ଼ ସମାଲୋଚନା କରାଯାଇଛି। ଏ ସମ୍ପର୍କରେ ଜନମତକୁ ଶାଣିତ କରିବା ଉଦ୍ଦେଶ୍ୟ କଂଗ୍ରେସ ଜିଲା ସଭାପତି ସଂଜୀବ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ସର୍ବଦଳୀୟ ବୈଠକ ସ୍ଥାନୀୟ କଂଗ୍ରେସ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜେପି ଓ ବିଜେଡିକୁ ବାଦ ଦେଇ ପ୍ରାୟ ଅନ୍ୟ ସମସ୍ତ ରାଜନୈତିକ ଦଳର ଜିଲାସ୍ତରୀୟ ନେତା ଏଥିରେ ଯୋଗ ଦେଇଥିଲେ। ବିଶେଷ କରି ସାମ୍ପ୍ରତିକ ପରସ୍ଥିତିରେ ଅସୁରକ୍ଷିତ ଅବସ୍ଥାକୁ ଚାଲି ଯାଉଥିବା ଦେଶର ସମ୍ବିଧାନ ଓ ଆଇନକୁ ଅପବ୍ୟବହାର କରି ରାଷ୍ଟ୍ରୀୟ ଶାନ୍ତି ଅଖଣ୍ଡତାକୁ ନଷ୍ଟ କରିବା ସହ ଗଣତନ୍ତ୍ରକୁ ହତ୍ୟା ପାଇଁ ବର୍ତ୍ତମାନର ଏକଛତ୍ରବାଦ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଥିବା ନେଇ ଏହି ବୈଠକରେ ବିଭିନ୍ନ ଦଳର ନେତାମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅହଙ୍କାରୀ ନୀତିରୁ ଦେଶର ଶ୍ରମିକ ଶ୍ରେଣୀ, କର୍ମଚାରୀ, ଛୋଟ ବ୍ୟବସାୟୀ, ଚାଷୀ, ଯୁବକ, ଛାତ୍ର ସମାଜ ହାହାକାର ଡାକୁଛନ୍ତି। ଯଦି କୌଣସି ରାଜନେତା, ସମାଜସେବୀ, ସ୍ୱେଚ୍ଛାସେବୀ, ସାମ୍ବାଦିକ ଦେଶବାସୀଙ୍କ ସପକ୍ଷରେ କଥା କହୁଛନ୍ତି ତାହେଲେ ଏହି ସରକାର ତାକୁ ଦମନ କରିବା ପାଇଁ ଦୁଇଟି ରାସ୍ତା ବ୍ୟବହାର କରୁଛି। ଗୋଟେ ରାସ୍ତା ହେଉଛି ଇଡି, ସିବିଆଇ ଭଳି ନିରପେକ୍ଷ ସଂସ୍ଥାକୁ ପ୍ରଭାବିତ କରି ତାଙ୍କୁ ମିଛ ମକଦମାରେ ଫସାଇ ଜେଲ ପଠାଉଛନ୍ତି। ଯେଉଁମାନେ ଡରୁଛନ୍ତି ଓ ନିଜର କୁକର୍ମ ବିଷୟରେ ସଚେତନ ଅଛନ୍ତି ସେମାନେ ବିଜେପିରେ ସାମିଲ ହେଇ ଯାଉଛନ୍ତି। ଆଉ ଯେଉଁମାନେ ଡରୁ ନାହାନ୍ତି ସେମାନେ ସାହାସର ସହ ଲଢୁଛନ୍ତି ବୋଲି ବୈଠକରେ ଉପସ୍ଥିତ ନେତାମାନେ ମତ ରଖିଥିଲେ। ସିପିଏମରୁ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା,ଶିଶିର ହୁଇ, ପ୍ରେମାନନ୍ଦ ପାତ୍ର, ସୀତାଂସୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ସିପି.ଆଇରୁ ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡା, ଆଶୁତୋଷ ପରିଡା, ବନ୍ଦନା ପାତ୍ର, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ବାରିକ ଓ କୈଳାସ ଚନ୍ଦ୍ର ପଣ୍ଡା, ଆମ ଆଦିମ ପାର୍ଟିରୁ ପ୍ରଦୀପ କୁମାର ସ ଓ ଜୟନ୍ତ କୁମାର ବେହେରା, ଟିଏମସିରୁ ନନ୍ଦନ ପାଲ, ସାଜନ ସାହା, ଫରୱାର୍ଡ଼ ବ୍ଲକରୁ ଲକ୍ଷ୍ମୀଧର ଗିରି, କଂଗ୍ରେସରୁ ମହିଳା କଂଗ୍ରେସ ଜିଲା ସଭାପତି ପ୍ରଜ୍ଞା ପରମିତା ମହାନ୍ତି, କେକେସି ଜିଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଚାଷୀ ନେତା ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅଧୀନରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଭାରତର ଜି୨୦ ଅଧକ୍ଷତା ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ବୈଠକମାନଙ୍କ ଆୟୋଜନ କରାଯାଉଛି । ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ତୃତୀୟ ବୈଠକ ଆୟୋଜନ କରାଯିବ ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଜନଭାଗିଦାରୀ ଜରିଆରେ ଜି-୨୦ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସଂଗଠନ ପକ୍ଷରୁ ପ୍ରାୟ ମାସେ ବ୍ୟାପୀ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କ୍ରମରେ ଜି-୨୦ ଜନଭାଗିଦାରୀ ଅଭିଯାନ ଅଧୀନରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରତିଷ୍ଠାନର ନିଜସ୍ୱ କ୍ୟାମ୍ପସ ଏବଂ ଆଖପାଖ ଅଂଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ ।

## ଓବିସି ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା



ଭଦ୍ରକ, ୦୪/୦୪ (ନି.ପ୍ର): ମେ ୧ ତାରିଖରୁ ଆରମ୍ଭ ହୋଇ ମେ ୨୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଓବିସି ଜନ ଗଣନା କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲାର ସମସ୍ତ ବି.ଡ଼ି.ଓ. ଓ ସମସ୍ତ ପୌରପରିଷଦର ନିର୍ବାହୀ ଅଧିକାରୀ, ଆଇ.ସି.ଡ଼ି.ଏସ୍.ର ସୁପରଭାଇଜର, ଡ଼ବ୍ଲୁ.ଓ. ଓ ସଂପୃକ୍ତ ଉକ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଆଜି ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ତାଲିମ୍ ପ୍ରଦାନ ଶିବିରକୁ ଉଦ୍ଘାଟନ କରି ଶିବିର ଆୟୋଜନ ଓ ସର୍ଭେର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାରେ ଥିବା ପଛୁଆବର୍ଗର ଲୋକମାନଙ୍କର ବର୍ତ୍ତମାନ ଥିବା ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସ୍ୱଷ୍ଟ ଚିତ୍ର ହାସଲ କରିବା ହେଉଛି ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଭଦ୍ରକ ଜିଲ୍ଲା ପାଇଁ ଓ.ବି.ସି. ସର୍ଭେର ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ପେନ୍‌ସନ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ ଏହି ଶିବିରରେ ଯୋଗଦେଇ ସର୍ଭେ କାର୍ଯ୍ୟ ନିର୍ଭୁଲ ଭାବେ ପରିଚାଳନା କରାଯିବା ନେଇ ପରାମର୍ଶ ପ୍ରଦାନ କରିଥିଲେ। ମାଷ୍ଟର ପ୍ରଶିକ୍ଷକ ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ କି ଏହି ସର୍ଭେ ମାଧମରେ ମୁଖ୍ୟତ ପଛୁଆ ବର୍ଗ ଲୋକମାନଙ୍କର ବୃତ୍ତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କ ପରିବାରର ଲୋକମାନେ କେଉଁ ପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଛନ୍ତି, ସେ ବିଷୟରେ ସୂଚନା ମିଳିବା ଦ୍ୱାରା ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସଠିକ୍ ତଥ୍ୟ ପ୍ରାପ୍ତ ହୋଇପାରିବ। ଏହି ସର୍ଭେ କାର୍ଯ୍ୟପାଇଁ ଗ୍ରାମାଞ୍ଚଳରେ ଅଙ୍ଗନବାଡ଼ି କର୍ମୀ ଓ ପୌରାଞ୍ଚଳରେ ଅଙ୍ଗନବାଡ଼ି କର୍ମୀ, ଟ୍ୟାକ୍ସ କଲେକ୍ଟର ଓ ୱାର୍ଡ଼ ଅଫିସର ମାନଙ୍କୁ ଏନୁମରେଟର ଭାବେ ନିୟୋଜିତ କରାଯିବ। ପଛୁଆବର୍ଗର ପରିବାର ମୁଖ୍ୟ ବା ବରିଷ୍ଠ ସଦସ୍ୟଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ ଏମାନେ ଆଇ.ସି.ଆର୍.ସର୍ଭେ ଫର୍ମ ପୂରଣ କରିବେ। ଗ୍ରାମାଞ୍ଚଳରେ ଆଇସିଡ଼ିଏସ୍ ସୁପରଭାଇଜର, ମାର୍କେଟିଂ ଇନିସ୍‌ପେକ୍ଟର, ଗ୍ରାମପଞ୍ଚାୟତ କେସ୍‌ଟେସନ ଅଫିସର, ବ୍ଲକ ସୋସିଆଲ ସିକ୍ୟୁରିଟ୍ ଅଫିସର ମାନଙ୍କୁ ସୁପରଭାଇଜର ରୂପେ ନିଯୁକ୍ତ କରାଯିବ। ଜଣେ ସୁପରଭାଇଜର ଅଧୀନରେ ସର୍ବାଧିକ ୧୦ ଜଣ ଏନୁମରେଟର କାର୍ଯ୍ୟ କରିବେ।

ସମ୍ପୃକ୍ତ ବ୍ୟକ୍ତି କେଉଁ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗର ଅନ୍ତର୍ଭୁକ୍ତ, ପରିବାର ର ମୁଖ୍ୟ ବା ବରିଷ୍ଠ ସଦସ୍ୟଙ୍କ ବ୍ୟକ୍ତିଗତ ତଥ୍ୟ, ଜିଲ୍ଲାକୋଡ୍, ବ୍ଲକ ଓ ପୌରପାଳିକା କୋଡ୍, ଗ୍ରାମପଞ୍ଚାୟତ ବା ପୌରପାଳିକା ୱାର୍ଡ଼ କୋଡ଼, ଗ୍ରାମ କୋଡ୍, ରେସନ କାର୍ଡ଼ ନମ୍ବର, ମୋବାଇଲ ନମ୍ବର, ଶିକ୍ଷାଗତ ଯୋଗ୍ୟତା, ଲିଙ୍ଗ, ବୈବାହିକ ସ୍ଥିତି, ଜୀବିକା, ଆଧାର ଓ ଭୋଟର ପରିଚୟ ପତ୍ର, ଜନ୍ମ ତାରିଖ, ବୟସ, ପରିବାରର ଅନ୍ୟ ସଦସ୍ୟ ମାନଙ୍କ ବିସ୍ତୃତ ତଥ୍ୟ ଆଦି ଆଧାରରେ ଏହି ସର୍ଭେ ଫର୍ମ ଏନୁମରେଟର ମାନଙ୍କ ଦ୍ୱାରା ପୂରଣ କରାଯିବ। ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ବା ଯେ କୌଣସି ସରକାରୀ ଅନୁଷ୍ଠାନରେ ସର୍ଭେ ସେଣ୍ଟର ଖୋଲାଯିବ। ସର୍ଭେ ଚାଲିଥିବା ସମୟରେ ଏନୁମରେଟର ମାନେ ଛୁଟିଦିନ ସମେତ ପ୍ରତ୍ୟେକ ଦିନ ସର୍ଭେ ସେଣ୍ଟରରେ ଉପସ୍ଥିତ ରହିବେ। ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ସେମାନେ ପ୍ରତିଦିନ ୧୦ଟା ରୁ ୧୨ଟା ଓ ଅପରାହ୍ନ ୩ଟା ରୁ ୬ଟା ପର୍ଯ୍ୟନ୍ତ ସର୍ଭେ ସେଣ୍ଟରରେ ଉପସ୍ଥିତ ରହିବେ। ଆଜିର ଏହି ଜିଲ୍ଲାସ୍ତରୀୟ ଟ୍ରେନିଂ ଦେବାଲାଗି ବ୍ଲକ୍ ଓ ସ୍ଥାନୀୟ ପୌରପାଳିକା ସ୍ତରରେ ମାଷ୍ଟର ଟ୍ରେନର ଚିହ୍ନଟ କରି ଟ୍ରେନିଂ ଦିଆଯିବ। ଉକ୍ତ ଟ୍ରେନିଂରେ ସର୍ଭେ କାର୍ଯ୍ୟପାଇଁ ସେମାନଙ୍କ ଭୂମିକା ଓ ଦାୟିତ୍ୱ, ସର୍ଭେ ଫର୍ମ ସମ୍ବନ୍ଧରେ ବିସ୍ତୃତ ସୂଚନା, ଫର୍ମର ବ୍ୟବହାର, ସଠିକ୍ କୋଡ୍ ସହିତ ସର୍ଭେ ଫର୍ମ ପୂରଣ କରିବା ଅଭ୍ୟାସ ଆଦି ସମ୍ବନ୍ଧରେ ଶିକ୍ଷା ଦିଆଯିବ।

